ବର୍ଷ-୨୫, ସଂଖ୍ୟା-୭୩
ଭୁବନେଶ୍ୱର
୧୭, ମାର୍ଚ୍ଚ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 73
Bhubaneswar
17, March, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ଆଇଏମଏଲ୍ : ଭାରତ ଚାମ୍ପିଅନ୍

# ପରଲୋକରେ ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥ

**ଭୁବନେଶ୍ୱର,୧୬।୩(ମହାଭାରତ):** ପରଲୋକରେ ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥ। ଭୁବନେଶ୍ୱର ଖାରବେଳନଗରସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ହେବା ନେଇ ସୂଚନା ମିଳିଛି। ରମାକାନ୍ତ ରଥଙ୍କ ଏକମାତ୍ର ପୁତ୍ର ସିଙ୍ଗାପୁରରୁ ଆସିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯିବ। ମହାନ ସାହିତ୍ୟିକ ଓ ଯୁଗସ୍ରଷ୍ଟାଙ୍କୁ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି।

ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଡ. ହରିବାବୁ କୁମ୍ଭମପତି, ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ବୈଜୟନ୍ତ ପଣ୍ଡା, ସମସ୍ତ ମନ୍ତ୍ରୀ, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି।

ବରେଣ୍ୟ କବି ରମାକାନ୍ତ ରଥ ୧୩ ଡିସେମ୍ବର ୧୯୩୪ରେ କଟକରେ ଜନ୍ମଗ୍ରହଣ କରିଥିଲେ ସେ ଇଂରାଜୀରେ ଭାଷା ସାହିତ୍ୟରେ ରେଭେନ୍ସା କଲେଜରୁ ସ୍ନାତକୋତ୍ତର କରିବା ପରେ ୧୯୫୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ଏହି ସମୟରେ ତାଙ୍କ ରଚିତ କବିତା ସଂକଳନ କେତେ ଦିନର (୧୯୬୨), ସନ୍ଦିଗ୍ଧ ମୃଗୟା (୧୯୭୧), ସପ୍ତମ ଋତୁ (୧୯୭୭),ସଚିତ୍ର ଅନ୍ଧାର (୧୯୮୨), ଶ୍ରୀରାଧା (୧୯୮୫) ଏବଂ ଶ୍ରେଷ୍ଠ କବିତା (୧୯୯୨) ପ୍ରକାଶ ପାଇଥିଲା। ଏହି ସାତଟି କବିତା ସଂକଳନ ମଧ୍ୟରୁ ଶ୍ରୀରାଧା ଲାଗି ସେ ସର୍ବାଧିକ ଚର୍ଚ୍ଚିତ ହେବା ସହ ପାଠକୀୟ ଶ୍ରଦ୍ଧା ଲାଭ କରିଥିଲେ। ତାଙ୍କ ରଚିତ ସଂକଳନ ସୀମାନ୍ତ ବାସ,ଫେରି ଚାହିଁଲେ, ସବୁଦିନେ ସେପାଖେ, ଯା ନ ଯା କହୁ କହୁ, ସରଳ ହୃଦଗଣିତ ଓ ଧର୍ମପଦର ଆତ୍ମହତ୍ୟା ଆଦି ପାଠକ ମହଲରେ ବେଶ୍ ଆଦୃତ ହୋଇଥିଲା। କବି ରମାକାନ୍ତ ସନ୍ଥ କବୀରଙ୍କ କବିତାର ମଧ୍ୟ ଅନୁବାଦ କରିଥିଲେ ଏବଂ ତାହା ସେବେ, ଏବେ, ସବୁବେଳେ ସଂକଳନରେ ସ୍ଥାନିତ ହୋଇଥିଲା । ତେବେ ୧୯୭୮ ମସିହାରେ ତାଙ୍କ କବିତା ସଂକଳନ ସପ୍ତମ ଋତୁ ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କୃତ କରିଥିଲା ୧୯୮୪ରେ ସଚିତ୍ର ଅନ୍ଧାର ସଂକଳନ ପାଇଁ ତାଙ୍କୁ ଶାରଳା ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୯୨ରେ ସେ ଓଡ଼ିଶାର ମୁଖ୍ୟ ସଚିବ ଥିବା ବେଳେ ଅବସର ଗ୍ରହଣ କରିଥିଲେ। ସେହି ୧୯୯୨ରେ ତାଙ୍କୁ ସରସ୍ୱତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ରଚିତ କାବ୍ୟକବିତା ଇଂରାଜୀ ଓ ୮ଟି ଭାରତୀୟ ଭାଷାରେ ଅନୁଦିତ। ଉଲ୍ଲେଖଯୋଗ୍ୟ, ୧୯୯୩-୧୯୯୮ ଯାଏଁ ସେ କେନ୍ଦ୍ର ସାହିତ୍ୟ ଏକାଡେମିର ଉପ-ସଭାପତି ଏବଂ ୧୯୯୮-୨୦୦୩ ଯାଏଁ ତାହାର ସଭାପତି ଭାବରେ କାର୍ଯ୍ୟ କରିଥିଲେ। ୨୦୦୯ରେ ସେ ସମ୍ମାନଜନକ ସାହିତ୍ୟ ଏକାଡେମି ଫେଲୋସିପ ଲାଭ କରିଥିଲେ। ଏହି ସମ୍ମାନ ଲାଭ କରିବାରେ ସେ ହେଉଛନ୍ତି ୩ୟ ଓଡ଼ିଆ।

ସ୍ୱକୀୟ ସୃଜନ ପ୍ରତିଭା ଲାଗି ସେ ବହୁ ଭାବେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ୨୦୦୬ରେ ପଦ୍ମ ଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା। ଏଥିସହ ସେ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ( ୨୦୧୮), ବିଷୁବ ପୁରସ୍କାର(୧୯୯୧), ଝଙ୍କାର କବିତା ପୁରସ୍କାର (୧୯୭୦),ସାରଳା ସମ୍ମାନ (୨୦୧୧) ସାହିତ୍ୟ ଭାରତୀ ସମ୍ମାନ( ୨୦୦୬), କଳିଙ୍ଗ ରତ୍ନ (୨୦୦୯) ଓ ଉତ୍କଳ ରତ୍ନ (୨୦୧୭) ଆଦି ପୁରସ୍କାର ଲାଭ କରିଥିଲେ।

ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ ରାଷ୍ଟ୍ରପତି କହିଛନ୍ତି ଯେ, ବିଶିଷ୍ଟ କବି ଶ୍ରୀ ରମାକାନ୍ତ ରଥଙ୍କ ବିୟୋଗ ବିଷୟରେ ଜାଣି ମୁଁ ଅତ୍ୟନ୍ତ ମର୍ମାହତ । ଶ୍ରୀ ରଥ ଭାରତୀୟ ସାହିତ୍ୟର ଜଣେ ପ୍ରମୁଖ କବି ଭାବରେ ଖ୍ୟାତିଲାଭ କରିଥିଲେ । ସେ ପଦ୍ମଭୂଷଣ ସହିତ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ । ଓଡ଼ିଆ ସାହିତ୍ୟକୁ ତାଙ୍କର ଚିରସ୍ମରଣୀୟ ଅବଦାନ ମାଧ୍ୟମରେ ସେ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କର ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ମୁଁ ଗଭୀର ସମବେଦନା ଜ୍ଞାନ କରୁଅଛି ।

ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଦ୍ମଭୂଷଣ ସ୍ୱର୍ଗତ ରଥ ଭାରତୀୟ ସାହିତ୍ୟ ଜଗତର ଅଳ୍ପ କେତେଜଣ ଶ୍ରେଷ୍ଠ କବିଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ସପ୍ତମ ଋତୁ,ଶ୍ରୀରାଧା, ସଚିତ୍ର ଅନ୍ଧାର, କେତେ ଦିନର, ଦୁଆର ଏପଟୁ, ନଯା ନଯା କହୁକହୁ ପରି ଅନେକ କାଳଜୟୀ ରଚନା ତାଙ୍କୁ ସାହିତ୍ୟ ଜଗତରେ ଚିର ଦିନ ପାଇଁ ଅମରକରି ରଖିବ। ବିଭିନ୍ନ ବିଭାଗର ସଚିବ ଓ ମୁଖ୍ୟ ଶାସନ ସଚିବ ଭାବେ ମଧ୍ୟ ରାଜ୍ୟର ବିକାଶରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଛନ୍ତି । ଓଡ଼ିଆ ସାହିତ୍ୟକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ହଞ୍ଚେଇବାରେ ତାଙ୍କ ଭୂମିକାକୁ ଅସ୍ୱୀକାର କରିହେବନି। କାଳଜୟୀ କାବ୍ୟଗ୍ରନ୍ଥ ଶ୍ରୀରାଧା ପାଇଁ ସରସ୍ୱତୀ ସମ୍ମାନ, ସପ୍ତମ ଋତୁ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ସଚିତ୍ର ଅନ୍ଧାର ପାଇଁ ସାରଳା ପୁରସ୍କାର ହାସଲ କରିବା ସହ ସେ ପ୍ରଥିତଯଶା ଲେଖକ ରୂପେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋସିପ ମଧ୍ୟ ପାଇଥିଲେ।

ତାଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି । ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରଥଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ସୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣେଇଛନ୍ତି।



## ଜନ ପୋଷଣ କେନ୍ଦ୍ର ଆରମ୍ଭ କରିବେ ସରକାର

**ଭୁବନେଶ୍ୱର,୧୬।୩ (ମହାଭାରତ):** ସାରା ରାଜ୍ୟରେ ସବସିଡି ହାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ଲକ୍ଷ୍ୟରେ ଓଡ଼ିଶା ସରକାର ଗୁଜରାଟ ଏବଂ ଦିଲ୍ଲୀର ସଫଳ ମଡେଲଗୁଡ଼ିକ ଦ୍ୱାରା ଅନୁପ୍ରାଣିତ ହୋଇ ଜନ ପୋଷଣ କେନ୍ଦ୍ର ଆରମ୍ଭ କରିବାକୁ ଯାଉଛନ୍ତି।

ଜନ ପୋଷଣ କେନ୍ଦ୍ରଗୁଡ଼ିକର ପ୍ରାଥମିକ ଲକ୍ଷ୍ୟ ହେଉଛି ହିତାଧିକାରୀମାନଙ୍କ ପାଇଁ ଉପଲବ୍ଧ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ଉନ୍ନତ ଉପଲବ୍ଧତା ସୁନିଶ୍ଚିତ କରିବା। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଏବଂ ମଧ୍ୟବିତ୍ତ ପରିବାର ଉଭୟ ପୋଷଣ କେନ୍ଦ୍ର ମାଧ୍ୟମରେ ସବସିଡି ହାରରେ ଚାଉଳ, ଡାଲି, ଅଟା ଏବଂ ରନ୍ଧନ ତେଲ ପାଇବେ ବୋଲି ଖାଦ୍ୟ ଯୋଗାଣକାରୀ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ କହିଛନ୍ତି। କେନ୍ଦ୍ର ଏବଂ ଓଡ଼ିଶା ସରକାର ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ପାଇଁ ସବସିଡି ଯୋଗାଇବେ। ସରକାର କାର୍ଯ୍ୟକ୍ରମର ପ୍ରଭାବଶାଳୀତା ମୂଲ୍ୟାଙ୍କନ କରିବା ପାଇଁ ପ୍ରାରମ୍ଭିକ ଭାବରେ ୩୫ ଜନ ପୋଷଣ କେନ୍ଦ୍ର ପାଇଲଟ୍ ପ୍ରକଳ୍ପ ଭାବେ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଏହାକୁ ବିସ୍ତାର କରିବା ଉଦ୍ଦେଶ୍ୟରେ ହିତାଧିକାରୀଙ୍କ ସଂଖ୍ୟା ଏବଂ ପଦକ୍ଷେପର ସାମଗ୍ରିକ ଲାଭ ମୂଲ୍ୟାଙ୍କନ କରିବୁ ସେ କହିଛନ୍ତି।

## ୯ ମାସ ପରେ ଘରକୁ ଫେରିବେ ସୁନୀତା

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ୯ ମାସ ପରେ ଭୂପୃଷ୍ଠକୁ ଫେରିବେ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ସାଥି ବୁଚ୍ ୱିଲମୋର। ତାଙ୍କୁ ଫେରାଇ ଆଣିବାକୁ ସ୍ପେଶ୍ ଷ୍ଟେସନରେ ପହଞ୍ଚିଛି କ୍ରୁ-୧୦ ସ୍ପେଶ୍ କ୍ରାଫ୍ଟ । ଶନିବାର ଫ୍ଲୋରିଡାର କେନେଡି ସ୍ପେଶ୍ ସେଣ୍ଟରରୁ ଏହାକୁ ଲଞ୍ଚ କରାଯାଇଥିଲା। ଫାଲକାନ-୯ ରକେଟ୍ ଦ୍ୱାରା ଏହାକୁ ସ୍ପେସ୍ ଷ୍ଟେସନ ପଠାଯାଇଛି।ଏଥିରେ ଆମେରିକାର ଦୁଇ ଏବଂ ଜାପାନର ଦୁଇ ମହାକାଶଚାରୀ ରହିଛନ୍ତି। କିଛି ସମୟ ପରେ ସ୍ପେଶ୍ ଷ୍ଟେସନରେ ଡକିଂ ପ୍ରକ୍ରିୟା ଆରମ୍ଭ ହେବ। ମାର୍ଚ୍ଚ ୧୯ ତାରିଖ ପୂର୍ବରୁ ସୁନୀତା ଏବଂ ତାଙ୍କ ଟିମକୁ ନେଇ ଫେରିବ କ୍ରୁ-୧୦। ସୂଚନା ଅନୁଯାୟୀ, ସୁନୀତା ଏବଂ ତାଙ୍କ ଟିମ୍ ଗତବର୍ଷ ଜୁନ ମାସରେ ବୋଇଂ ଷ୍ଟାରଲାଇନ ଦ୍ୱାରା ନାସା ସ୍ପେଶ୍ ଷ୍ଟେସନରେ ପହଞ୍ଚିଥିଲେ। କିଛି ଦିନ ମଧ୍ୟରେ ସେମାନେ ସ୍ପେଶ୍ ଷ୍ଟେସନରୁ ଫେରିଥାନ୍ତେ, ମାତ୍ର ସ୍ପେଶ୍ କ୍ରାଫ୍ଟରେ ଯାନ୍ତ୍ରିକ ତ୍ରୁଟି ପାଇଁ ୯ମାସ ହେଲା ସେଠାରେ ଫସିରହିଛନ୍ତି ଏବେ ଡ୍ରାଗାନ କ୍ୟାପସୁନ୍ କ୍ରୁ-୧୦ ସ୍ପେଶ୍ କ୍ରାଫ୍ଟ ଦ୍ୱାରା ତାଙ୍କୁ ପୃଥିବୀକୁ ଫେରାଇ ଅଣାଯିବ ।



## ରାଜ୍ୟରେ ଖୁବ୍‌ଶୀଘ୍ର ସକାଳୁଆ ସ୍କୁଲ୍

**ଭୁବନେଶ୍ୱର,୧୬।୩ (ମହାଭାରତ):** ଓଡ଼ିଶାରେ ସାଧାରଣତଃ ଏପ୍ରିଲ ମାସରୁ ସକାଳୁଆ ସ୍କୁଲ୍ ହୋଇଥାଏ। ହେଲେ ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହ ଆଗରୁ ଅନୁଭୂତ ହେଉଥିବାରୁ ରାଜ୍ୟରେ ଖୁବ ଶୀଘ୍ର ସକାଳୁଆ ସ୍କୁଲ ହୋଇପାରେ। ଏନେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ହେବ। ଆଜି ଏଭଳି ସୂଚନା ଦେଇଛନ୍ତି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ଆଲୋଚନା କରାଯିବା ପରେ ସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି। ଗତବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଦ୍ୟାଳୟର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସମୟରେ ପରିବର୍ତ୍ତନ କରାଯାଇଥିଲା। ଏପ୍ରିଲ ୨ ତାରିଖରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ, ଓ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ଅନୁଷ୍ଠିତ ହୋଇଥିଲା।

## ରକ୍ତରଞ୍ଜିତ ହେଲା ହୋଲି
# ୬ ହତ୍ୟା : ମୋଟ ୧୫ ମୃତ

**ଭୁବନେଶ୍ୱର,୧୬।୩(ମହାଭାରତ):** ଗତକାଲି ସାରା ରାଜ୍ୟରେ ଧୁମ୍‌ଧାମର ସହ ହୋଲି ଉତ୍ସବ ପାଳନ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ହିଂସା ଓ ରକ୍ତପାତ, ଦୁର୍ଘଟଣା ଓ ନଦୀରେ ବୁଡ଼ିଯିବା ଭଳି ଦୁଃଖଦ ଘଟଣାମାନ ସାମନାକୁ ଆସିଛି। ଯାହାଫଳରେ ପ୍ରାୟ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରୁ ୬ ଜଣଙ୍କୁ ହତ୍ୟା, ୪ ଜଣ ବୁଡ଼ିଯିବା ଓ ୫ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ପୁରୀ ଏବଂ କଳାହାଣ୍ଡି ଜିଲ୍ଲାର ଦୁଇଜଣ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଦୁଇଟି ହତ୍ୟାକାଣ୍ଡ ଘଟିଥିବାବେଳେ ଅନୁଗୁଳ, ସମ୍ବଲପୁର, କଟକ ଓ ଗଞ୍ଜାମ ଜିଲ୍ଲାରେ ଗୋଟିଏ ଲେଖାଏଁ ହତ୍ୟାକାଣ୍ଡ ଘଟିଛି।

ରାଜଧାନୀରେ ହୋଲିରେ ୨ଟି ହତ୍ୟା ମାମଲାରେ ୬ଜଣ ଗିରଫ ହୋଇଛନ୍ତି। ରାଜଧାନୀରେ ହୋଲି ଖେଳକୁ ନେଇ ବଚସାରୁ ହତ୍ୟାକାଣ୍ଡ ଘଟିଥିବାବେଳେ ପୂର୍ବ ଶତ୍ରୁତା ନ ଥିଲା ବୋଲି ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଡିସିପି ସୂଚନା ଅନୁଯାୟୀ, ରାଜଧାନୀରେ ହୋଲିରେ ମଞ୍ଚେଶ୍ୱର ଥାନା ଶାନ୍ତିପଲ୍ଲୀରେ ଗୋପି ଗୁଲି ହତ୍ୟା ମାମଲାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ ହୋଇଛନ୍ତି। ମୁଖ୍ୟ ଅଭିଯୁକ୍ତ ତନ୍ମୟ ବେହେରା ଓ ୩ ସହଯୋଗୀ ପଦ୍ମନାଭ ବେହେରା, ପ୍ରଶାନ୍ତ ବେହେରା ଏବଂ ସମୀର ସ୍ୱାଇଁ ପ୍ରମୁଖଙ୍କୁ ପୁଲିସ ଗିରଫ କରିଛି। ଗୋଟିଏ କାର ଏବଂ ଅଟୋକୁ ଜବତ କରାଯାଇଛି। ପୂର୍ବରୁ ମୃତକ ଓ ମୁଖ୍ୟ ଅଭିଯୁକ୍ତ ତନ୍ମୟ ମଧ୍ୟରେ ଭଲ ସମ୍ପର୍କ ନଥିଲା। ମାତ୍ର ବାଟରେ ହଠାତ ଯୁକ୍ତିତର୍କରୁ ହତ୍ୟାକାଣ୍ଡ ଘଟିଥିଲା। ମୁଖ୍ୟ ଅଭିଯୁକ୍ତ ପିପିଲି ଥାନା ଅଞ୍ଚଳରୁ ଗିରଫ ହୋଇଛି। ପୁଲିସ ପିଛା କରିବାବେଳେ ଅଭିଯୁକ୍ତ ଡିମିରି ଫଳ ଖାଇଦେଇଥିଲା। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ଏବଂ ସେ ଭଲ ହେବା ପରେ ଏବେ ଥାନାରେ ଅଛି। ସହିଦନଗର ଥାନା ସମେଇଗାଡ଼ିଆରେ ଅଂଶୁମାନ ପତି ହତ୍ୟା ମାମଲାରେ



ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ମୁଖ୍ୟ ଅଭିଯୁକ୍ତ ବାନା ଗୁନିକୁ ଗିରଫ କରାଯାଇଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଜଣେ ନାବାଳକକୁ ଅଟକ ରଖାଯାଇଛି। ହୋଲି ଖେଳକୁ ନେଇ ବଚସାରୁ ହତ୍ୟାକାଣ୍ଡ ହୋଇଥିଲା, ପୂର୍ବ ଶତ୍ରୁତା ନ ଥିଲା ବୋଲି ଡିସିପି ଜଗମୋହନ ମୀନା ପ୍ରକାଶ କରିଛନ୍ତି।

ସମ୍ବଲପୁରର ସାହୁ କଲୋନୀରେ ୧୮ ବର୍ଷୀୟ ଆଦିତ୍ୟ ସଲମା ହୋଲିରେ ଭାଗ ନେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ରକ୍ତାକ୍ତ ମୃତ ଶରୀର ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ସଂପୃକ୍ତି ଅିଯୋଗରେ ଅଭିଯୁକ୍ତ ସାହୁଲ ସିଂଙ୍କୁ ଗିରଫ କରାଯାଇଥିବା ଏସ୍‌ପି ମୁକେଶ ଭାମୋ କହିଛନ୍ତି। ପୂର୍ବ ଶତ୍ରୁତାକୁ ହତ୍ୟାକାଣ୍ଡ ହୋଇଥିବା ଜଣାପଡିଛି।

କଟକ ବୟାଳିଶ ମୌଜା ଶ୍ରୀକୃଷ୍ଣ ବିହାର ଅଞ୍ଚଳରେ ଥିବା ଏକ ଭଡାଘରେ ହତ୍ୟାକାଣ୍ଡ ଘଟିଛି। ହୋଲି ପାଳନ ବେଳେ ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଘଟିଥିଲା। ଗୁଳି ମାଡ଼ରେ ଜଗତସିଂପୁର ଅଞ୍ଚଳର ବିକାଶ ମହାନ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ଯୁବକଙ୍କୁ ଅଟକ ରଖିଛି ବୟାଳିଶ ମୌଜା ଥାନା ପୋଲିସ।ସେହିଭଳି କଟକ ଏସ୍‌ସିବିରେ ମୃତଦେହର ବ୍ୟବଚ୍ଛେଦ ଚାଲିଛି।

ସେହିପରି ଅନୁଗୁଳର ନଖରା ସାହିରେ ଆଜାଦ୍ ହୁସେନ୍ (୨୨) ନାମକ ଯୁବକଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ମଣ୍ଟୁ ସାମନ୍ତରାୟଙ୍କୁ ଗିରଫ କରାଯାଇଛି ବୋଲି ଜିଲ୍ଲା ଏସ୍‌ପି ସୂଚନା ଦେଇଛନ୍ତି।

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରର ଚାଣକ୍ୟ ନଗର ଠାରେ ଜଣେ ବ୍ୟବସାୟୀ ଟି ରାମଚନ୍ଦ୍ର ପାତ୍ର (୪୨)ଙ୍କୁ ହୋଲି ଉତ୍ସବରେ ଛୁରାମାଡ଼ ର ସମ୍ମୁଖୀନ ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ଚନ୍ଦନ କୁମାର ସାବତ (୩୨)ଙ୍କ ଗିରଫ କରାଯାଇଛି ବୋଲି ବରହମପୁର ଏସପି ବିବେକ ଏମ ନିଶ୍ଚିତ କରିଛନ୍ତି। ହୋଲି ଉତ୍ସବ ସମୟରେ ଉଭୟ ବ୍ୟକ୍ତି ମଦ୍ୟପାନ କରୁଥିଲେ। ଯେତେବେଳେ ଏକ ଛୋଟ ବିବାଦ ନେଇ ପାତ୍ର ସାବତଙ୍କୁ ଚାପୁଡ଼ା ମାରିଥିଲା। ପରେ ସାବତ ପ୍ରଥମେ କ୍ଷମା ମାଗିଥିଲେ ଏବଂ ଚାଲି ଯାଇଥିଲେ। ପରେ ସେ ପାତ୍ରୁ ସୁଯୋଗ ଦେଖି ଛୁରାମାଡ଼ କରିଥିବା ନେଇ ଏସ୍‌ପି କହିଛନ୍ତି।

ହୋଲି ପରବର୍ତ୍ତୀ ଉତ୍ସବରେ ଶନିବାର ଦିନ ପୁରୀ ଏବଂ କଳାହାଣ୍ଡି ଜିଲ୍ଲାର ସମୁଦ୍ର ଓ ନଦୀରେ ଗାଧୋଇବା ସମୟରେ ଜଣେ ପର୍ଯ୍ୟଟକଙ୍କ ସମେତ ଦୁଇଜଣ ବ୍ୟକ୍ତି ବୁଡ଼ି ଯାଇଥିଲେ। ସେହିପରି ଗଞ୍ଜାମ ଜିଲ୍ଲାର ହୋଲି ପାଳନ କରିବା ପରେ ରମ୍ଭା ଅଞ୍ଚଳରେ ସମୁଦ୍ରରେ ଗାଧୋଇବା ସମୟରେ ଜଣେ ମତ୍ସ୍ୟଜୀବୀଙ୍କ ପୁଅ ୧୦ ବର୍ଷର ବାଳକ ବୁଡ଼ି ଯାଇଥିଲା। କଟକ ଜିଲ୍ଲାର ମହାନଦୀ ନଦୀରେ ଜଣେ ଯୁବକ ବୁଡ଼ି ଯାଇଥିଲେ।ଏହି ଘଟଣା ନରସିଂହପୁର ଅଞ୍ଚଳର ଭଟ୍ଟାରିକା ପୀଠ ନିକଟରେ ଘଟିଛି। ଏହାପୂର୍ବରୁ ପୋଲିସ ହୋଲି ଉତ୍ସବରେ ବୁଡ଼ିଯିବା ଘଟଣାକୁ ଧରି ଅନେକ ଜଳରାଶି ନିକଟରେ ତଟରକ୍ଷୀ, ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା କର୍ମଚାରୀ ନିୟୋଜିତ କରିଥିଲା। ସେଠାରେ ଏପରି ଘଟଣା ଘଟିଥିଲା ଯେଉଁଠାରେ ଏପରି ନିୟୋଜନ ନଥିଲା।

# ଦାରିଦ୍ର୍ୟ କେବେ କଷ୍ଟ ଦେଇନାହିଁ : ମୋଦୀ

**ନୂଆଦିଲ୍ଲୀ,୧୬।୩(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆମେରିକୀୟ କମ୍ପ୍ୟୁଟର ବିଜ୍ଞାନୀ ତଥା ଉପସ୍ଥାପକ ଲେକ୍ସ ଫ୍ରିଡମ୍ୟାନଙ୍କ ସହିତ ଏକ ପଡକାଷ୍ଟରେ ବିଭିନ୍ନ ପ୍ରସଙ୍ଗରେ ମନଖୋଲି କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ବାଲ୍ୟ ଜୀବନ ଠାରୁ ଆରମ୍ଭ କରି ସାର୍ବଜନୀନ ଜୀବନ ଏବଂ ଅନ୍ତର୍ଜାତୀୟ କୂଟନୀତି ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ନିଜର ମତ ରଖିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଋଷ-ୟୁକ୍ରେନ୍ ଯୁଦ୍ଧ ଠାରୁ ଆରମ୍ଭ କରି ଚୀନ ସହିତ ଭାରତର ହିଂସକ ସଂଘର୍ଷ, ଭାରତ ଓ ପାକିସ୍ତାନ ସଂପର୍କ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଛନ୍ତି।

ଏହି ଇଣ୍ଟରଭ୍ୟୁରେ ଫ୍ରିଡ୍‌ମ୍ୟାନ୍ ବିଭିନ୍ନ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ ଉପବାସ ଏବଂ ଶୃଙ୍ଖଳିତ ଜୀବନଯାପନ ଉପରେ ଆଲୋଚନା କରିଥିଲେ। ଲେକ୍ସ ମଧ୍ୟ କହିଥିଲେ ଯେ ଏହି ସାକ୍ଷାତକାର ପୂର୍ବରୁ ସେ ୪୫ ଘଣ୍ଟା ଉପବାସ ରଖିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଉପବାସ ଦ୍ୱାରା ସେ ଅଧିକ ସ୍ଫୁର୍ତ୍ତି ଅନୁଭବ କରିବା ସହିତ କଠିନ ପରିଶ୍ରମ କରିବା ଲାଗି ଅନୁପ୍ରାଣିତ ହୋଇଥାନ୍ତି।

ଶ୍ରୀ ମୋଦୀ କହିଥିଲେ, ପିଲାଦିନରୁ ସେ ଦାରିଦ୍ର୍ୟ ମଧ୍ୟରେ ବଢ଼ିଛନ୍ତି। କିନ୍ତୁ ଦାରିଦ୍ର୍ୟ ତାଙ୍କୁ କେବେ କଷ୍ଟ ଦେଇ ନାହିଁ। ଜୀବନର ପ୍ରତ୍ୟେକ ପର୍ଯ୍ୟାୟକୁ ସେ କୃତଜ୍ଞତାର ସହିତ ସ୍ୱୀକାର କରିଛନ୍ତି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ତାଙ୍କ ଜୀବନକୁ ପ୍ରଭାବିତ କରିଛି। ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ଅନ୍ୟମାନଙ୍କର ନିଃସ୍ୱାର୍ଥ ସେବା ସେ ସ୍ୱାମୀଜୀଙ୍କ ଜୀବନରୁ ଶିଖିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହିତ ତାଙ୍କର ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଆରଏସଏସ ସହିତ ରହିବା ସମୟରେ ସେ ନିଃସ୍ୱାର୍ଥ ସେବା ପାଇଁ ଜୀବନର ଉଦ୍ଦେଶ୍ୟ ଏବଂ ମୂଲ୍ୟ ପାଇପାରିଥିଲେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ତାଙ୍କର ମଧୁର ସମ୍ପର୍କ ଥିବା ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ, ଟ୍ରମ୍ପଙ୍କର ତାଙ୍କ ଉପରେ ବିଶ୍ୱାସ ରହିଛି। ଆମେରିକା ରାଷ୍ଟ୍ରପତିଙ୍କର ଆମେରିକା ପ୍ରଥମ ନୀତି ସହିତ ତାଙ୍କର ରାଷ୍ଟ୍ର ପ୍ରଥମ ଓ ଭାରତ ପ୍ରଥମ ନୀତି ମେଳ ଖାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆମେରିକା ରାଷ୍ଟ୍ରପତିଙ୍କ ଡୋଜ ଦର୍ଶନ ଅନୁରୂପ ଭାରତରେ କିପରି ପ୍ରଶାସନିକ ସଂସ୍କାର ଆସିଛି। ସେ ବିଷୟରେ ଶ୍ରୀ ମୋଦୀ ଚର୍ଚ୍ଚା କରିଥିଲେ। ସେ କହିଥିଲେ, ତାଙ୍କ ସରକାର କଲ୍ୟାଣମୂଳକ ଯୋଜନାରୁ ୧୦ କୋଟି ନକଲି ହିତାଧିକାରୀଙ୍କୁ ବାଦ ଦେଇଛି। ଡିବିଟି ଜରିଆରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର କାରଣରୁ ୩ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଞ୍ଚୟ ହୋଇପାରିଛି।ଏହାବ୍ୟତୀତ ତାଙ୍କ ସରକାର ୧୫ଶହରୁ ଅଧିକ ଅନାବଶ୍ୟକ ଆଇନ ଏବଂ ୪୫ ହଜାରରୁ ଅଧିକ ଅନୁପାଳନ ବୋଝ ଉଚ୍ଛେଦ କରିଥିବା ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ ହେଉଛି ଭଗବାନ ବୁଦ୍ଧ ଓ ମହାତ୍ମା ଗାନ୍ଧୀଙ୍କ ଦେଶ। ତେଣୁ ଭାରତର ଶାନ୍ତି ପ୍ରସ୍ତାବକୁ ଆଜି ବିଶ୍ୱ ଗ୍ରହଣ କରୁଛି। ଭାରତ ନିରପେକ୍ଷ ନୁହେଁ ବରଂ ଶାନ୍ତି ପାଇଁ ସଂକଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। ବିବାଦ ଦୂର କରି ସମନ୍ୱୟ ସ୍ଥାପନ କରିବା ପାଇଁ ସେ ସାରା ବିଶ୍ୱକୁ ପରାମର୍ଶ ଦେଇଥିଲେ। ବିସ୍ତାରବାଦ ନୁହେଁ ବରଂ ବିକାଶବାଦ ଦ୍ୱାରା ପ୍ରଗତି ସମ୍ଭବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ଗୋଧ୍ରା ଦଙ୍ଗା ବିଷୟରେ ମତବ୍ୟକ୍ତ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୦୨ ପୂର୍ବରୁ ଗୁଜରାଟରେ ୨୫୦ରୁ ଅଧିକ ଦଙ୍ଗା ଓ ସାମ୍ପ୍ରଦାୟିକ ହିଂସା ହୋଇଥିଲା। କିନ୍ତୁ ୨୦୦୨ ଗୋଧ୍ରା ଦଙ୍ଗାକୁ ନେଇ ମିଥ୍ୟା ପ୍ରଚାର କରାଯାଇଥିଲା। ସେବେଠାରୁ ଗୁଜରାଟରେ ଗୋଟିଏ ହେଲେ ସାମ୍ପ୍ରଦାୟିକ ଦଙ୍ଗା ହୋଇନାହିଁ। ତାଙ୍କ ସରକାର ତୁଷ୍ଟିକରଣ ଏବଂ ଭୋଟବ୍ୟାଙ୍କ ରାଜନୀତି ନୁହେଁ, ବରଂ ସବକା ସାଥ, ସବକା ବିକାଶ, ସବକା ବିଶ୍ୱସ, ସବକା ପ୍ରୟାସ ନୀତି ନେଇ ସମସ୍ତଙ୍କର ସାମଗ୍ରିକ ବିକାଶ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଶ୍ରୀ ମୋଦୀ କହିଥିଲେ, ସେ କେବେ ବି ନିଜକୁ ଏକାକୀ ଅନୁଭବ କରିନାହାନ୍ତି।ତାଙ୍କ ପାଇଁ ଜନ ସେବା ହିଁ ପ୍ରଭୁ ସେବା ତାଙ୍କ ସହ ୧୪୦ କୋଟି ଭାରତୀୟଙ୍କର ସମର୍ଥନ ରହିଥିବା ସେ କହିଥିଲେ।

ମହାତ୍ମା ଗାନ୍ଧୀଙ୍କ ଜନ ଆନ୍ଦୋଳନ ସଂକଳ୍ପ ତାଙ୍କର ପ୍ରତ୍ୟେକ ପ୍ରୟାସକୁ ଅନୁପ୍ରାଣିତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ। ସେ କହିଥିଲେ, ମହାତ୍ମା ଗାନ୍ଧୀ କେବଳ ବିଂଶ ଏବଂ ଏକବିଂଶ ଶତାବ୍ଦୀ ନୁହେଁ ଆଗାମୀ ଶତାବ୍ଦୀର ମଧ୍ୟ ଜଣେ ମହାନତମ ନେତା ସେ ଦେଶର ସ୍ୱାଧୀନତାକୁ ଜନ ଆନ୍ଦୋଳନରେ ପରିଣତ କରିବା ଲାଗି ଜନଶକ୍ତିର ସାମର୍ଥ୍ୟକୁ ଉପଯୋଗ କରିଥିଲେ। ଆଜି ପ୍ରତ୍ୟେକ ପ୍ରୟାସରେ ଗାନ୍ଧୀଜୀଙ୍କ ଏହି ନୀତିକୁ ଅନୁସରଣ କରୁଥିବା ଶ୍ରୀ ମୋଦୀ କହିଥିଲେ।

ବିଦେଶ କୁଟନୀତିରେ ତାଙ୍କର ପ୍ରାରମ୍ଭିକ ଅଭିଜ୍ଞତାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ତାଙ୍କର ସବୁଠୁ ବଡ଼ ସାମର୍ଥ୍ୟ ହେଉଛନ୍ତି ୧୪୦ କୋଟି ଭାରତୀୟ। ଭାରତ କେବେ କାହାକୁ ଡରିବ ନାହିଁ କିମ୍ବା କାହାକୁ ଧମକ ଦେବ ନାହିଁ।ଆମେ ଦୁନିଆ। ସହିତ ଆତ୍ମବିଶ୍ୱାସର ସହିତ ଆଖିରେ ଆଖି ମିଶାଇ ଚାଲିବୁ, ପ୍ରଧାନମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଭାରତ ନିଜର ପ୍ରାଚୀନ ଦର୍ଶନ ବସୁଧୈବ କୁଟୁମ୍ବକମ୍ - ସାରା ବିଶ୍ୱ ଏକ ପରିବାରରେ ବିଶ୍ୱାସ କରିଥାଏ।

ଏହି ପଡକାଷ୍ଟରେ ପ୍ରଧାନମନ୍ତ୍ରୀ, ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଥିଲେ। ଶ୍ରୀ ମୋଦୀ କହିଥିଲେ, ପାକିସ୍ତାନ ଯେ ଆତଙ୍କବାଦର ଉତ୍ପତ୍ତି ସ୍ଥଳ, ଏହାକୁ ନେଇ ବିଶ୍ୱର ଆଉ ସନ୍ଦେହ ନାହିଁ। ପାକିସ୍ତାନକୁ ତାଙ୍କର ପ୍ରଥମ ଶପଥ ଗ୍ରହଣ ସମାରୋହକୁ ନିମନ୍ତ୍ରଣ କରିବା ଏବଂ ନିଜ ଲାହୋର ଗସ୍ତ ସମ୍ପର୍କରେ ଅବତାରଣା କରି ପ୍ରଧାନମନ୍ତ୍ରୀ କହିଥିଲେ, ଶାନ୍ତି ପାଇଁ ତାଙ୍କର ପ୍ରୟାସକୁ ସବୁବେଳେ ନକାରାତ୍ମକ ପରିଣାମ ମିଳିଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଭଲ କ୍ରିକେଟ୍ ଟିମ୍ କେଉଁଟି ବୋଲି ପଚାରିବାରୁ ପ୍ରଧାନମନ୍ତ୍ରୀ କହିଥିଲେ, ସେ ଏ ବିଷୟରେ ବିଶେଷଜ୍ଞ ନୁହନ୍ତି। କିନ୍ତୁ ନିକଟରେ ଖେଳାଯାଇଥିବା ମ୍ୟାଚର ଫଳାଫଳ ଏହାର ଉତ୍ତର ଦେଉଛି। ପ୍ରଧାନମନ୍ତ୍ରୀ କହିଥିଲେ, ମାରାଡୋନା ତାଙ୍କର ସବୁଠୁ ପ୍ରିୟ ଫୁଟବଲ ଖେଳାଳୀ। ଏହି ଅବସରରେ ସେ ମିନି ବ୍ରାଜିଲ ନାମରେ ପରିଚିତ ମଧ୍ୟପ୍ରଦେଶର ଶେହଡୋଲକୁ ତାଙ୍କର ଗସ୍ତ ବିଷୟରେ ଉଲ୍ଲେଖ କରିଥିଲେ।

## ୬୪ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୬।୩ (ମହାଭାରତ):** ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡ୍ଡମ ଜିଲ୍ଲା ପୋଲିସ ନିକଟରେ ୬୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଜି ଚନ୍ଦ୍ରଶେଖର ରେଡ୍ଡୀ,ଏସପି ରୋହିତ ରାଜ ଏବଂ ସିଆରପିଏଫ ବାଟାଲିୟନର ଅଧିକାରୀଙ୍କ ସମ୍ମୁଖରେ ଏହି ନକ୍ସଲମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ୬୪ଜଣ ମାଓବାଦୀ ଛତିଶଗଡର ବିଜାପୁର ଏବଂ ସୁକମା ଜିଲ୍ଲାର ବିଭିନ୍ନ ସଂଗଠନର ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରେ ୧୬ ଜଣ ମହିଳା ମାଓବାଦୀ ମଧ୍ୟ ରହିଛନ୍ତି। ତେଲେଙ୍ଗାନାରେ ଆଦିବାସୀମାନଙ୍କ ବିକାଶ ତଥା କଲ୍ୟାଣ ପାଇଁ ଚାଲିଥିବା କାର୍ଯ୍ୟକ୍ରମ ତଥା ଅପରେସନ୍ ଚାୟୁଆ କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମସମର୍ପଣ କରିଥିବା ମାଓବାଦୀ ସଦସ୍ୟଙ୍କୁ ରାଜ୍ୟ ସରକାର ପ୍ରଦାନ କରୁଥିବା ସୁବିଧା ବିଷୟରେ ଭଦ୍ରାଦି କୋଥାଗୁଡେମ୍ ଜିଲ୍ଲା ପୁଲିସର ଅଧିକାରୀମାନେ ବୁଝାଇଥିଲେ। ଚଳିତ ବର୍ଷ ତେଲେଙ୍ଗାନା ପୁଲିସ ନିକଟରେ ୧୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିସାରିଲେଣି। ଆତ୍ମସମର୍ପଣ କଲେ ସେମାନଙ୍କ ନାମରେ ଥିବା ପୁରସ୍କାରକୁ ସେମାନଙ୍କୁ ତୁରନ୍ତ ପ୍ରଦାନ କରାଯିବ ବୋଲି ତେଲେଙ୍ଗାନା ସରକାର ପ୍ରତିଶ୍ରୁତି ଦେବା ପରେ ନକ୍ସଲମାନେ ଆତ୍ମସମର୍ପଣ କରୁଥିବା କୁହାଯାଇଛି।

## ୩୧ ପରେ ଆଉ ଧାନ କିଣା ହେବ ନାହିଁ

**ଭୁବନେଶ୍ୱର,୧୬।୩ (ମହାଭାରତ):** ରାଜ୍ୟରେ ଖରିଫ ଧାନ କିଣା ସମ୍ପର୍କରେ ରବିବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ବଡ଼ ଘୋଷଣା କରିଛନ୍ତି। ଖରିଫ ଧାନ କିଣା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଡେଡ୍ ଲାଇନ୍ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ମାର୍ଚ୍ଚ ୩୧ ପରେ ଆଉ ଧାନ କିଣା ହେବ ନାହିଁ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଧାନ କିଣା ସରିଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ୭୬ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ରହିଛନ୍ତି ବୋଲି ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷେ ରବି ସିଜିନ ଧାନ କିଣା ପାଇଁ ସରକାର ଯୋଜନା କରୁଛନ୍ତି। ଖୁବଶୀଘ୍ର ରବି ଧାନ କିଣା ସମ୍ପର୍କରେ ସରକାର ସବିଶେଷ ତଥ୍ୟ ଜାରି କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



ଖବର

# ଘୋଷଣା ହେଲା ନୂଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଟାଇଟଲ




ଲକ୍ଷେଶ୍ୱର ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାୀଙ୍କ ପ୍ରଯୋଜିତ ଚଳଚ୍ଚିତ୍ର ଚକ୍ରାନ୍ତ ର ଟାଇଟଲ ଘୋଷଣା ହୋଇଯାଇଛି। ଏ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱରେ ପିନୁ ନାୟକ ଅଛନ୍ତି। କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଓ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ ।ରହସ୍ୟ ଓ ରୋମାନ୍ସ ସହ ସଙ୍ଘର୍ଷରତ ପୁଅ ଓ ଝିଅର ଭବିଷ୍ୟତ ସମୟରେ ଆସୁଥିବା ସମସ୍ୟା ଓ ସମାଧାନ କଥା କହିବ ଏ କାହାଣୀ । କାହାଣୀରେ ଫ୍ୟାମିଲି ଡ୍ରାମା , ଲଭ , ରୋମାନ୍ସ ,ଯୁବପିଢ଼ିଙ୍କ ସଂଘର୍ଷ ଓ ଭବିଷ୍ୟତ ସମୟର ଗତିବିଧି ଉପରେ ଆଲୋକପାତ କରାଯାଇଛି । କାହାଣୀରେ ଦୋଳ ପର୍ବକୁ ମଧ ଦର୍ଶାଯାଇଛି। ସିନେମାରେ ଗାଁ ପରିବେଶ ତଥା ଆମ ମାଟିର ବାସ୍ନା ଦର୍ଶକ ପାଇବେ ବୋଲି କହିଛନ୍ତି ର୍ନିମାତା । ମୁଖ୍ୟ ଭୂମିକାରେ ଶୁଭାଶିଷ ଶର୍ମା , ହରିହର ମହାପାତ୍ର , ଭୂମିକା , ଧରିତ୍ରୀ ଖଣ୍ଡୁଆଳ , ଚୌଧୁରୀ ଜୟପ୍ରକାଶ ଦାସ ନଜର ଆସିବେ ।

## ଘରର ପାଣି ଟାଙ୍କି କେଉଁଠି ରହିବା ଉଚିତ



ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି ଫ ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନ ଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।

୧. ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

୨. ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି । ବରୁଣ ଦେବତା ଜଳର ଦେବତା ଅଟନ୍ତି।

୩. ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

୪. ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ର୍ନିମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ।

## ଓଠର କଳାପଣ ଦୂର କରିବାର ସହଜ ଉପାୟ



ପିଆଜର ରସ ସହ ଭିଟାମିନ-ଇ ମିଶାଇ ଏହାକୁ ରାତିରେ ଓଠରେ ଲଗାନ୍ତୁ। ସକାଳେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଓଠର କଳାପଣ ଦୂର ହୋଇଥାଏ। ପିଆଜର ରସକୁ ମୁହଁରେ ଲଗାଇଲେ ମୁହଁରେ ଥିବା କଳାଦାଗ ଦୂର ହୋଇଥାଏ। ୧ ଚାମଚ ପିଆଜ ରସ, ବେସନ ୧ ଚାମଚ , ଅଳ୍ପ କ୍ଷୀର ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖନ୍ତୁ। ୧୫ ମିନିଟ ପରେ ଧୋଇ ଦିଅନ୍ତୁ। ଏପରି ସପ୍ତାହକୁ ୩ରୁ ୪ ଥର ଲଗାଇବା ଦ୍ୱାରା ମୁହଁ ଗୋରା ଓ ଉଜ୍ଜ୍ୱଳ ହୋଇଥାଏ। ତ୍ୱଚର ଦାଗ ଦୂର କରେ -ବହୁ ପୁରୁଷ ଓ ମହିଳାଙ୍କ ମୁହଁରେ ବିଭିନ୍ନ ଦାଗ ଥାଏ। ନିୟମିତ ପିଆଜର ଚୋପାକୁ ବ୍ୟବହାର କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ ମହୁ ଓ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁର ସମସ୍ତ ଦାଗ ଦୂର ହୋଇଥାଏ। ପିଆଜର ଚୋପାକୁ ପାଣିରେ ପକାଇ ୮ ଘଣ୍ଟା ରଖି ଦିଅନ୍ତୁ। ଏହାପରେ ଏହାକୁ ସେବନ କରନ୍ତୁ। ଏପରି ପିଆଜ ଚୋପାର ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ। ଚର୍ମକୁ ପରିଷ୍କାର କରିବା ତଥା ଉଜ୍ଜ୍ୱଳ କରିବା ପାଇଁ ଆମେ ପିଆଜକୁ ବ୍ୟବହାର କରି ପାରିବା। ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି-ଅକ୍ସିଡ଼ା□ ଥିବାରୁ ପିଆଜକୁ ପେଷ୍ଟ କରି ଏହାକୁ ମୁହଁରେ ଲଗାଇଲେ ମୁହଁର ଚମକ ବୃଦ୍ଧି ପାଇଥାଏ। ପିଆଜରେ ଭିଟାମିନ ଏ, ସି, ଇ ଥିବାରୁ ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଅତି ବାଇଗଣୀ ରଶ୍ମିକୁ ପ୍ରତିହତ କରିବା ସହ ଚର୍ମକୁ ବାହ୍ୟ ସଂକ୍ରମଣରୁ ରକ୍ଷା କରିବା ସହ ଉଜ୍ଜ୍ୱଳତା ପ୍ରଦାନ କରିଥାଏ।

## ବିଳମ୍ବିତ ରାତିରେ ଖାଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ





ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ। ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ। ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀର ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ ବିପଦ ଡାକି ଆଣିପାରେ। ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ। ଲେଟ୍ ନାଇଟ୍ ଭୋଜନ କଲେ କ'ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା। ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବିବାକୁ ଲାଗିବ। ଓଜନ ବୃଦ୍ଧି ହେବା ଫରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ ସୃଷ୍ଟି କରିପାରେ। ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ ଠିକ୍ ସମୟରେ ଖାଇବା ଉଚିତ ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ ସାଂଘାତିକ ହୋଇପାରେ। ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ। ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି। ଯଦି ଆପଣଙ୍କ ଲେଟ୍ ନାଇଟରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ। ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ। ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ ଲେଟ୍ ନାଇଟରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ସୃଷ୍ଟି ହୋଇପାରେ। ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ ଖାଇପାରିବେ।

## ଓଜନ କମାଇବାକୁ ଚାହୁଁଥିଲେ ଖା'ନ୍ତୁ ଡାଲି-ଭାତ

ଓଜନ କମାଇବା ଏବଂ ପତଳା ଦେଖାଯିବା ପାଇଁ ସମସ୍ତେ ଚାହାନ୍ତି। ଏଥିପାଇଁ କିଏ ଯୋଗ କରେ ତ ଆଉ କିଏ ଜିମ ଯାଏ। ସେହିପରି ପତଳା ହେବା ପାଇଁ ଅନେକ ଲୋକେ ଡାଏଟ ମଧ ଫଲୋ କରନ୍ତି। ଖାଦ୍ୟ ଛାଡି କେବଳ ଗ୍ରୀନ ସାଲଡ ଏବଂ ଜୁସ୍ ପିଅନ୍ତି। କେବଳ ସେତିକି ନୁହେଁ ଅନେକ ଲୋକେ ଭାତ-ଡାଲି ବଦଳରେ ରୁଟି ଖାଇବା ଆରମ୍ଭ କରିଦିଅନ୍ତି। ଭାତ-ଡାଲି ଖାଇଲେ ଓଜନ ବଢ଼ିଯାଏ ବୋଲି ଲୋକେ ଭାବନ୍ତି, କିନ୍ତୁ ଏହା ଭୁଲ ଧାରଣା। ସଠିକ ଢ଼ଙ୍ଗରେ ଏବଂ ଠିକ ଉପାୟରେ ଭାତ ଡାଲି ଖାଇଲେ ଓଜନ କମିପାରିବ। ଏହାକୁ ଆପଣ ଚାହିଁଲେ ନିଜ ଡାଏଟରେ ମଧ ସାମିଲ କରିପାରିବେ। ତେବେ ଆସନ୍ତୁ ଜାଣିବା ଭାତ-ଡାଲିକୁ କିଭଳି ନିଜ ଡାଏଟ ସାମିଲ କଲେ ଓଜନ କମିବ।



- ଅଧିକାଂଶ ଲୋକ ଭାବନ୍ତି ଯଦି ସେମନେ ଭାତ-ଡାଲି ଖାଇବେ ତେବେ ସେମାନଙ୍କ ଓଜନ ବଢ଼ିଯିବ। ଏହା ଏକ ସାଧାରଣ ଖାଦ୍ୟ। ପ୍ରାୟ ସମସ୍ତଙ୍କ ଘରେ ଡାଲି-ଭାତ ତିଆରି ହୁଏ। ଏହାକୁ ଏକା ସହ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ଏହା ଓଜନ କମାଇବାରେ ମଧ ସହାୟକ ହୋଇଥାଏ।

-ଡାଲିରେ ପ୍ରୋଟିନର ମାତ୍ରା ଭରପୁର ରହିଛି ଏବଂ ଚାଉଳରେ କାର୍ବୋହାଇଡ୍ରେଟ୍। ଯେତେବେଳେ ଡାଲି ଏବଂ ଭାତକୁ ଆପଣ ଏକା ସହ ଖାଇବେ, ସେତେବେଳେ ଆପଣଙ୍କ ଶରୀରକୁ କାର୍ବୋହାଇଡ୍ରେଟ୍ ସହ ଅନେକ ଆବଶ୍ୟକୀୟ ଭିଟାମିନ ମିଳିପାରିବ। ଡାଲି ଏବଂ ଭାତ ଶରୀରରେ ହଜମ ପ୍ରକ୍ରିୟାକୁ ଠିକ ରଖେ। ତେଣୁ ଏହାକୁ ଖାଇଲେ ଓଜନ ବଢ଼େନାହିଁ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି।

-ଡାଲି-ଭାତର କମ୍ବିନେସନ ଓଜନ କମାଇବାର ସବୁଠୁ ଭଲ ବିକଳ୍ପ। ଏଥିରେ ଥିବା ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ ଦ୍ୱାରା ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇନଥାଏ। ଫଳରେ ଓଜନ କମାଇବାରେ ଏହା ସହାଯ୍ୟ କରିଥାଏ।

-ନିରାମିଶାଷି ବ୍ୟକ୍ତିଙ୍କ ପାଇଁ ପ୍ରୋଟିନର ସବୁଠୁ ଭଲ ମାଧ୍ୟମ ହେଉଛି ଡାଲି-ଭାତ।

# ବିଏଡ୍ କଲେଜରେ ଲାଗୁ ହେବ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ

**ଭୁବନେଶ୍ୱର,୧୬।୩ (ମହାଭାରତ):** ରାଜ୍ୟରେ ରହିଥିବା ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ମାନଙ୍କରେ (ବିଏଡ୍ କଲେଜରେ) ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ ଲାଗୁ କରିବା ପାଇଁ ୮ଗୋଟି ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ଆଜି ସେମାନଙ୍କର ନିକଟସ୍ଥ ସରକାରୀ ଡିଗ୍ରୀ ମହାବିଦ୍ୟାଳୟମାନଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିବା ପରେ ଆଗାମୀ ଦିନରେ ନ୍ୟାସନାଲ କାଉନସିଲ ଫର ଟିଚର ଏଜୁକେସନର ନିୟମ ଅନୁଯାୟୀ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମକୁ ଲାଗୁ କରିହେବ। ଆଇଟିଇପି ଲାଗୁ ହେବା ଦ୍ୱାରା ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ଗୁଡ଼ିକ ମଲ୍ଟିଡିସପେନସାରୀ ହୋଇପାରିବେ। ଏଥିସହିତ +୨ପରେ ଛାତ୍ରଛାତ୍ରୀମାନେ ଆଇଟିଇପି ମାଧ୍ୟମରେ ୪ ବର୍ଷର ପାଠ୍ୟକ୍ରମରେ ନିଜର ବିଇଡ଼ି ଶିକ୍ଷାକୁ ସମ୍ପୂର୍ଣ୍ଣ କରିପାରିବେ। ବିଗତ ଦିନ ମାନଙ୍କରେ ଛାତ୍ରଛାତ୍ରୀମାନେ +୨ ପରେ ୩ ବର୍ଷ ସ୍ନାତକ ଏବଂ ଏହା ପରେ ୨ ବର୍ଷର ବିଇଡ଼ି ପାଠ୍ୟକ୍ରମ ଅର୍ଥାତ ୫ ବର୍ଷ ପରେ ବିଇଡ଼ି ସାର୍ଟିଫିକେଟ ପାଇପାରୁଥିଲେ। ଆଇଟିଇପି ଲାଗୁ ହେବା ପରେ ଛାତ୍ରଛାତ୍ରୀମାନେ ସିଧା ସଳଖ ଆଇଟିଇପି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇ ନିଜର ସ୍ନାତକ ଓ ବିଇଡ଼ି ପାଠ୍ୟକ୍ରମକୁ ୪ ବର୍ଷ ମଧ୍ୟରେ ସମାପ୍ତ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି। ଏଥିସହିତ ଆଜି ରାଜ୍ୟରେ ଥିବା ୧୮୯ ଗୋଟି ବେସରକାରୀ ସ୍ନାତକ ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୬୮ କୋଟି ଟଙ୍କା ଆର୍ଥିକ ରାଶି ଅନୁମୋଦିତ ହୋଇଛି। ଏହି ଆର୍ଥିକ ରାଶି ଦ୍ୱାରା ମହାବିଦ୍ୟାଳୟ ମାନଙ୍କରେ ଅତିରିକ୍ତ ଶ୍ରେଣୀ ଗୃହ, ଲବ୍ରୋଟୋରୀ, କ୍ୟାଣ୍ଟିନ, ପାଠାଗାର, କମନ୍ ରୁମ୍, ମଲ୍ଟି ପର୍ପସ ହଲ୍, ଆଡମିନିଷ୍ଟ୍ରେଟିଭ ଓ ଆକାଡ଼େମିକ ବିଲଡିଂ ଆଦିର ନିର୍ମାଣ, ମରାମତି, ପୁନରୁଦ୍ଧାର କାର୍ଯ୍ୟ କରାଯାଇପାରିବ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଏକ ଭାବବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ହେଉଛି ଆମର ଲକ୍ଷ୍ୟ। ମହାବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ ଲାଗୁହେବା ଦ୍ୱାରା ଛାତ୍ରଛାତ୍ରୀମାନେ +୨ ପରେ ୪ ବର୍ଷ ମଧ୍ୟରେ ନିଜର ବିଇଡ଼ି ପାଠ୍ୟକ୍ରମକୁ ସମାପ୍ତ କରିପାରିବେ ଯାହାକି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିସହିତ ବେସରକାରୀ ମହାବିଦ୍ୟାଳୟମାନଙ୍କର ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୬୮କୋଟି ଟଙ୍କାର ଆର୍ଥିକ ରାଶି ଅନୁମୋଦିତ ହୋଇଛି, ଯାହାକି ନିଶ୍ଚିତ ରୂପେ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଦିବରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତବ୍ୟକ୍ତ କରିଛନ୍ତି।



# ଟାଇଟାନିୟମ ସମ୍ଭାବନା ବିକଶିତ ହେବ

**ଭୁବନେଶ୍ୱର,୧୬।୩ (ମହାଭାରତ):** ସିଏସ୍ଆଇଆର୍ ନିଜର ପରୀକ୍ଷାଗାର ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ- ଆଇଏମ୍ଏମ୍ଟି ମାଧ୍ୟମରେ ଅଷ୍ଟ୍ରେଲିଆର ଜାତୀୟ ବିଜ୍ଞାନ ସଂସ୍ଥା- ସିଏସ୍ଆଇଆର୍ଓ ସହିତ ଗବେଷଣା ଏବଂ ବିକାଶ ପାଇଁ ଚୁକ୍ତିବଦ୍ଧ ହୋଇଛି। ଏହାଦ୍ୱାରା ଭାରତରୁ ଖନନ ହେଉଥିବା ଟାଇଟାନିୟମ୍ ଏବଂ ଭାନାଡିୟମ୍-ବାହକ ଟାଇଟାନିୟମ୍ ଖଣିଜ ପଦାର୍ଥରୁ ଟାଇଟାନିୟମ୍ ଡାଇଅକ୍ସାଇଡ୍ ପ୍ରସ୍ତୁତ ଲାଗି ଗବେଷଣା ହେବ। ଆଇଏମ୍ଏମ୍ଟିଠାରେ ଥିବା ଡ. ଆର୍ପି ଦାସ୍ ସେଣ୍ଟର ଫର ହାଇଡ୍ରୋ, ବାୟୋ ଆଣ୍ଡ ଇଲେକ୍ଟ୍ରୋମେଟାଲର୍ଜି ଠାରେ ଏହି ବୁଝାମଣା ସ୍ୱାକ୍ଷର ହୋଇଛି। ଏହି ଅବସରରେ ଆଇଏମ୍ଏସ୍ଟି ନିର୍ଦ୍ଦେଶକ ଡ, ରାମାନୁଜ ନାରାୟଣ ଦେଶର ଜଟିଳ ଖଣିଜ ମିଶନ ଅଧୀନରେ ଜଟିଳ ଖଣିଜର ବିଶୋଧନ, ପ୍ରକ୍ରିୟାକରଣ ଏବଂ ପୁନରୁଦ୍ଧାର ଲାଗି ଆଗକୁ ଏପରି ଅନେକ ସହଭାଗୀ ବୁଝାମଣା ହେବାକୁ ଯାଉଥିବା ସୂଚନା ଦେଇଛନ୍ତି। ଯାହାଦ୍ୱାରା ଏପରି ଜଟିଳ ଖଣିଜଗୁଡ଼ିକର ଦୀର୍ଘକାଳୀନ



ପରିପୂରକ ଯୋଗାଣ ସୁନିଶ୍ଚିତ କରାଯାଇପାରିବ। ସିଏସ୍ଆଇଆର୍ଓର ପ୍ରମୁଖ ଗବେଷଣା ବୈଜ୍ଞାନିକ ଡକ୍ଟର ଗୌତମ କୁମାର ଦାସ, ଏବଂ ଆଇଏମ୍ଏମ୍ଟିର ହାଇଡ୍ରୋ, ବାୟୋ ଏବଂ ଇଲେକ୍ଟ୍ରୋମେଟାଲର୍ଜି ବିଭାଗର ମୁଖ୍ୟ ମୁଖ୍ୟ ଡକ୍ଟର କାଳୀ ସଞ୍ଜୟ ଏହି ପ୍ରକଳ୍ପ ଲକ୍ଷ୍ୟ ସାଧନ ଦିଗରେ ନେତୃତ୍ୱ ନେବେ।

# ସାପ କାମୁଡ଼ାରେ ୧,୮୫୯ ଜଣ ମୃତ

**ଭୁବନେଶ୍ୱର,୧୬।୩ (ମହାଭାରତ):** ଗତ ଦୁଇ ବର୍ଷ ମଧ୍ୟରେ ସାରା ଓଡ଼ିଶାରେ ସର୍ପାଘାତରେ ମୋଟ ୧,୮୫୯ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି।



ବସ୍ତାର ବିଜେଡି ବିଧାୟକ ସୁବାସିନୀ ଜେନାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ପାଘାତ ଯୋଗୁ ୧,୧୫୦ ଜଣଙ୍କର ମୃତ୍ୟୁ ହୋଇଥିଲା।

ସୁବାସିନୀ ଜେନା ପ୍ରଶ୍ନ କରିଥିଲେ, ରାଜ୍ୟରେ ପ୍ରତିବର୍ଷ ଶହଶହ ଲୋକ ସର୍ପଦଂଶନରେ ମୃତ୍ୟୁବରଣ କରୁଛନ୍ତି ସରକାରୀ ବ୍ୟବସ୍ଥା ଅନୁସାରେ ସ୍ଥାନୀୟ ସ୍ତରରେ ରିପୋର୍ଟ ଆଧାରରେ ମୃତକଙ୍କ ପରିବାରକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏସଡ଼ିଆରଏଫ ପାଣ୍ଠିରୁ ଏହି ଅନୁକମ୍ପା ରାଶି ପ୍ରଦାନ କରାଯାଇଥାଏ ଓ ବିଗତ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର କେତେଜଣ ସର୍ପଦଂଶନରେ ମୃତ୍ୟୁବରଣ କରିଛନ୍ତି ଏବଂ କେତେ ଜଣଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି ଓ କେତେ ଜଣଙ୍କୁ ଏଥିରୁ ବାଦ୍ ଦିଆଯାଉଛି ଓ କାହିଁକି, ତାହାର ଏକ ଜିଲ୍ଲା ୱାରୀ ତାଲିକା ପ୍ରଦାନ କରିବାକୁ ପ୍ରଶ୍ନ କରିଥିଲେ।

୧,୦୨୨ ଜଣ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଛି, ଯାଞ୍ଚ ପରେ ୨୨ଟି ମାମଲା ପ୍ରତ୍ୟାଖ୍ୟାନ କରାଯାଇଛି, ଏବଂ ୧୦୬ଟି ମାମଲା ବିଭିନ୍ନ ସ୍ତରରେ ବିଚାରାଧୀନ ଅଛି। ସେହିପରି, ୨୦୨୪-୨୫ ଆର୍ଥିକ ବର୍ଷରେ ୭୦୯ ଜଣ ସାପ କାମୁଡ଼ା ମୃତ୍ୟୁବରଣ କରିଥିବା ରିପୋର୍ଟ କରାଯାଇଛି, ଯେଉଁଥିରୁ ୪୩୫ ଜଣ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଇଛି। ୮ଟି ମାମଲା ଖାରଜ କରାଯାଇଛି ଏବଂ ଡକ୍ୟୁମେଣ୍ଟ ଅଭାବରୁ ୨୬୬ଟି ମାମଲା ତହସିଲଦାର/ସବ-କଲେକ୍ଟର/କଲେକ୍ଟର ସ୍ତରରେ ବିଚାରାଧୀନ ଅଛି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏସଡିଆରଏଫ) ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଜ୍ୟ ସରକାର ବିପର୍ଯ୍ୟୟ ସହାୟତା ଦେୟ ଏବଂ ମନିଟରିଂ ସିଷ୍ଟମ (ଡିଏଏମପିଏସ) ପୋର୍ଟାଲ୍ ମାଧ୍ୟମରେ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# କେନ୍ଦୁପତ୍ର ତୋଳାଳି ଯୋଜନା ପାଇଁ ୧୨୦ କୋଟି ମଞ୍ଜୁର

**ଭୁବନେଶ୍ୱର,୧୬।୩ (ମହାଭାରତ):** କେନ୍ଦୁପତ୍ର ତୋଳାଳି, ବିକ୍ରୟକାରୀ, ବନ୍ଧାଳି, ଶ୍ରମିକ ମାନଙ୍କର ସ୍ୱାର୍ଥର ସୁରକ୍ଷା ସହିତ ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣପାଣ୍ଠି ନାମରେ ୧୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ଆଜି ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଗଣେଶୀଲାଲ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଖର୍ଚ୍ଚ ଦାବି ଉପରେ ହୋଇଥିବା ଆଲୋଚନାର ଉତ୍ତର ଦେଇ ଶ୍ରୀ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ଏହି ବିଭାଗର ବ୍ୟୟ ଅଟକଳ ବାବଦରେ୧ ହଜାର ୮ ଶହ ୩୦ କୋଟି ୯୭ ଲକ୍ଷ ୭୫ ହଜାର ଟଙ୍କା, ପ୍ରଶାସନିକ ବ୍ୟୟ ବାବଦରେ୬ ଶହ ୮୧ କୋଟି ୧୨ ଲକ୍ଷ ୧ ହଜାର ଟଙ୍କାଏହିପରି ସର୍ବମୋଟ୨ ହଜାର ୫ ଶହ ୧୨ କୋଟି୯ଲକ୍ଷ ୭୬ ହଜାର ଟଙ୍କାରବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି।୨୦୨୫-୨୬ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିନିମିତ୍ତ ୧ ଶହ ୨୦ କୋଟି ଟଙ୍କାର ଏକ ନୂତନ ବଜେଟ୍ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ଅଧୀନରେ ୧ ଶହ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ଅଛି। କେନ୍ଦୁପତ୍ର ସଂଗ୍ରହ ଓ ପ୍ରକ୍ରିୟାକରଣକାର୍ଯ୍ୟରେ ୮ ଲକ୍ଷ ୬୦ ହଜାର ତୋଳାଳୀ ସମେତ ପ୍ରାୟ ୧୧ ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀ ଗ୍ରାମୀଣ ଗରିବ ଆଦିବାସୀ ମହିଳା ଅଟନ୍ତି। ବର୍ତ୍ତମାନ ସୁଦ୍ଧା ୧ କୋଟି ଉର୍ଦ୍ଧ୍ୱ ଶ୍ରମ ଦିବସ ସୃଷ୍ଟି କରାଯାଇ ପ୍ରାୟ ୪ ଶହ ୮୦ କୋଟି ୩୩ ଲକ୍ଷ ୩ ହଜାର ଟଙ୍କା ବ୍ୟୟ କରାଯାଇଛି।୨୦୨୫ ଫେବୃୟାରୀ ପର୍ଯ୍ୟନ୍ତ୨ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ କେନ୍ଦୁପତ୍ର ୫ ଶହ ୫୪ କୋଟି ୭୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ସମୁଦାୟ ଆନୁମାନିକ ବିକ୍ରୟ ମୂଲ୍ୟ ୬ ଶହ କୋଟି ଟଙ୍କା ହୋଇଥିବା ବେଳେ ଲାଭାଂଶ ପ୍ରାୟ ୯୦ କୋଟି ଟଙ୍କା ହେବାର ସମ୍ଭାବନା ଅଛି।

ବନ୍ୟଜନ୍ତୁ ଓ ସେମାନଙ୍କ ଆବାସ ସ୍ଥଳୀର ସୁରକ୍ଷାଓ ସଂରକ୍ଷଣ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପାଇଁ ୭୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଯାହାକି ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ବଜେଟ ଅଟକଳର ପରିମାଣ ୬୦ କୋଟି ଠାରୁ ୨୫% ଅଧିକ।

ପ୍ରାକୃତିକ ବିପର୍ଯ୍ୟୟରୁ ଉପକୂଳ ଅଞ୍ଚଳ ଓ ଜନବସତି ସୁରକ୍ଷା କରିବା ପାଇଁ ହେନ୍ତାଳ ବଣ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେହି ଦୃଷ୍ଟିରୁ ଉପକୂଳବର୍ତ୍ତି ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି କରିବା ପାଇଁ ୨୦୨୫-୨୬ଆର୍ଥିକ ବର୍ଷରେ ୨ ଶହ ୫୧ ହେକ୍ଟର ଅଞ୍ଚଳରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଯିବ।

ହାତୀ ମାନଙ୍କ ସୁରକ୍ଷା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଯାହାକି ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ବଜେଟ ଅଟକଳର ପରିମାଣ ୨୧ କୋଟି ଠାରୁ ପ୍ରାୟ ୨୦% ଅଧିକ।

ପରିବେଶ ପର୍ଯ୍ୟଟନର ବିକାଶ ଉଦ୍ଦେଶ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୩ ଗୋଟି ପରିବେଶ ପର୍ଯ୍ୟଟନସ୍ଥଳୀ ରହିଛି। ଏହା ବ୍ୟତୀତ ଚଳିତ ଆର୍ଥିକ ବର୍ଷରେ ନୂତନ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଚିହ୍ନଟକରି ତାର ବିକାଶ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ ଏବଂ ଭାଗିଦାରୀରେ କରାଯିବ। ୨୦୨୫-୨୬ରେ ଆମ ଶିମିଳିପାଳ ଯୋଜନା ଅଧୀନରେ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଶିମିଳିପାଳ ଏବଂ ଏଠାରେ ଦେଖାଯାଉଥିବା ଉଦ୍ଭିଦ, ପ୍ରାଣୀ ଏବଂ ମହାବଳ ବାଘଙ୍କ ବାସସ୍ଥାନର ସୁରକ୍ଷା ପାଇଁ ସରକାର ଆଗ୍ରହ ପ୍ରକାଶ କରିଛନ୍ତି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ଏବଂ ନିକଟବର୍ତ୍ତୀ ଜନବସତିର ଆଦିବାସୀ ମା, ଭଉଣୀ ଓ ଗରିବ ଲୋକମାନଙ୍କର ଆର୍ଥିକ ଉନ୍ନତିରେ ଏହା ବହୁତ ସହାୟକ ହେବ।

୨୦୨୪-୨୫ ଆର୍ଥିକ ବର୍ଷରେ ନନ୍ଦନକାନନ ଚିଡ଼ିଆଖାନାର ବିକାଶ ପାଇଁ ୪୦କୋଟି ଟଙ୍କାର ବୟ୍ୟବରାଦ କରାଯାଇଛି।

# ଜଳବାୟୁ ସହନଶୀଳତା ଉପରେ ଉନ୍ନୟନ କମିଶନରଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୧୬।୩ (ମହାଭାରତ):** ନିରନ୍ତରତା ଭିତ୍ତିରେ କାର୍ଯ୍ୟକାରୀ ହେଉଥିବା ସ୍ଥାୟୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କିତ ଏକ ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ସଂପୃକ୍ତ ବିଭିନ୍ନ ଅଂଶୀଦାର ବିଭାଗର ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ବିଭାଗର କର୍ମକର୍ତ୍ତାମାନଙ୍କୁ ଏହି ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମନ୍ୱୟକୁ ପ୍ରଭାବୀ କରାଇବା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ବ୍ୟୟ ବୃଦ୍ଧି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ) ଅଧୀନରେ ଚୟନ କରାଯାଇଥିବା ୧୫ ଜିଲ୍ଲାର ୫୩୮ କ୍ଷୁଦ୍ର ଜଳସେଚନ ଟ୍ୟାଙ୍କ, ପୋଖରୀ ବା ଜଳାଶୟରେ ବିଭିନ୍ନ ଜଳବାୟୁ ସ୍ମାର୍ଟ କାର୍ଯ୍ୟକ୍ରମ ଦ୍ୱାରା ଯେଉଁ ଉଲ୍ଲେଖନୀୟ ପ୍ରଭାବ ପକାଇଛି, ସେ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ମୁଖ୍ୟ କାର୍ଯ୍ୟ ମଧ୍ୟରେ ସିଭିଲ କାର୍ଯ୍ୟ ଯଥା ଡ୍ୟାମ୍ ପ୍ରୋଫାଇଲର ପୁନଃ ବିଭାଗକରଣ, ୧୫୭ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପଥର ପୁନଃ ପ୍ୟାକିଂ ଜରିଆରେ ଡ୍ୟାମକୁ ସୁଦୃଢ଼ କରିବା ପାଇଁ ଟର୍ଫିଂ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ କମାଣ୍ଡ ଅଞ୍ଚଳର ୪୫୦୦ ହେକ୍ଟରକୁ ଜଳସେଚନ ଜଳ ପହଞ୍ଚାଇବା ପାଇଁ ୧୮୯ କିମି କ୍ଷେତ୍ର ପ୍ରଣାଳୀ ନିର୍ମାଣ କରାଯାଇଛି।

ଭାଗିଦାରୀକୃଷି ଯାନ୍ତ୍ରୀକରଣ ପାଇଁ ଟ୍ୟାଙ୍କ ଅଂଚଳର ପାଣି ପଞ୍ଚାୟତମାନଙ୍କୁ ୧୧୩ଟି କଷ୍ଟମ ହାୟାରିଂ ସେଣ୍ଟର ସହାୟତା ପ୍ରଦାନ କରାଯାଇଛି। ଜଳବାୟୁ ସ୍ମାର୍ଟ ଏଗ୍ରିକଲଚର ଏବଂ ଉଦ୍ୟାନ କୃଷି ପଦ୍ଧତି ଆପଣେଇବା ପାଇଁ ୬୧୮୦ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ଯୋଗାଇବା ପାଇଁ ୧୨୩୬ଟି ସୌର ନଳକୂପ, ଅମଳ ପରେ ପନିପରିବା ପ୍ରକ୍ରିୟାକରଣ, ଗ୍ରେଡିଂ, ସଂରକ୍ଷଣ ପାଇଁ ୬୮ ପ୍ୟାକ୍ ହାଉସ୍, ଅମଳ ପରବର୍ତ୍ତୀ କ୍ଷତିକୁ ଏଡ଼ାଇବା ଏବଂ ବଜାର ମୂଲ୍ୟର ଉତ୍ତମ ଉପଲବ୍ଧି ପାଇଁ ୧୨୫ ମେଟ୍ରିକ୍ ଟନ୍ କ୍ଷମତାର ଶୀତଳ କୋଠରୀ ବ୍ୟବସ୍ଥା, ଶୁଖିବା, କ୍ୟାନିଂ, ଫ୍ରିଜିଂ କିମ୍ବା ଅନ୍ୟ ସଂରକ୍ଷଣ ପଦ୍ଧତି ମାଧ୍ୟମରେ ମୂଲ୍ୟ ବୃଦ୍ଧି ପାଇଁ ୫୯୨ ସଂରକ୍ଷଣ ୟୁନିଟ୍; ପନିପରିବା ସଂରକ୍ଷଣ ଏବଂ ଅଭାବୀ ବିକ୍ରିକୁ ଏଡ଼ାଇବା ପାଇଁ ୧୩୧ଟି ପରିବା (ସବ୍ଜି) କୁଲର ଏବଂ ଉପଭୋକ୍ତାଙ୍କୁ ନିୟମିତ ଯୋଗାଣ ବୃଦ୍ଧି ଏବଂ ମୂଲ୍ୟ ଅସ୍ଥିରତାକୁ ନିୟନ୍ତ୍ରଣ କରିବା ପାଇଁ ୩୪୪ଟି ପିଆଜ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି।

# ୩୧ ଯାଏଁ ଚାଲିବ ଆବାସ ସର୍ଭେ

**ଭୁବନେଶ୍ୱର,୧୬।୩ (ମହାଭାରତ):** ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଆବାସ ସର୍ଭେ କାର୍ଯ୍ୟ ଚାଲିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଘୋଷଣା କରିଛନ୍ତି। ବର୍ତ୍ତମାନ ଏହି ସର୍ଭେରେ ୧୯ ଲକ୍ଷ ପଞ୍ଜୀକରଣ ହୋଇଥିବା ବେଳେ ପଞ୍ଜୀକରଣକୁ ଆହୁରି ୧୭/୧୮ ଦିନ ବାକି ଥିବାରୁ ଏଥିରେ ଅଧିକ ହିତାଧିକାରୀ ସାମିଲ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ଆସନ୍ତା ୩୦ ତାରିଖରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିବେ। ତେବେ ଏହି କାର୍ଯ୍ୟକ୍ରମ ପ୍ରଥମେ କଳାହାଣ୍ଡି ଜିଲାରୁ ଆରମ୍ଭ ହେବ। ଏଥିରେ ୫୦ ହଜାର ଲୋକଙ୍କୁ ସରକାର ଯୋଡ଼ିବେ। ଏଥିରେ ଭିନ୍ନକ୍ଷମ, ବିଧବା, ରୋଗରେ ପୀଡ଼ିତ ଯୋଜନାରେ ସାମିଲ ହେବେ। ଶହୀଦ ପରିବାର, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସାମିଲ ହୋଇପାରିବେ ବୋଲି ଘୋଷଣା କରାଯାଇଛି।



ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ସର୍ଭେ ପ୍ରକ୍ରିୟାରେ ଚିହ୍ନଟ କରାଯିବ। ଏହି ହିତାଧିକାରୀମାନଙ୍କୁ ଆୱାସ ପ୍ଲସ୍ ମୋବାଇଲ ଆପ୍ ମାଧ୍ୟମରେ ଚିହ୍ନଟ କରିବାକୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ ଓ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଜାରି ହୋଇଥିବା ଚିଠିରେ ଦର୍ଶାଯାଇଛି ଯେ ମୋବାଇଲ୍ ଆପ୍ଲିକେସନ୍ 'ଆୱାସ୍ ପ୍ଲସ୍' ମାଧ୍ୟମରେ ସାନି ସର୍ଭେ କରି ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସଂଶୋଧିତ ସର୍ତ୍ତାବଳୀ ଆଧାରରେ ସାନି ସର୍ଭେରେ ଯେଉଁଳି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନପଡ଼ିବେ, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଏସଓପିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି।

ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟର ଗରିବ ଲୋକଙ୍କ ପାଇଁ ଓଡ଼ିଶା ସରକାରଙ୍କର ଏକ ଅନନ୍ୟ ଯୋଜନା। ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ବିଷୟରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ବାର୍ଷିକ ବଜେଟରେ ଉଲ୍ଲେଖ କରିଥିଲେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି। ପୂର୍ବ କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ବହୁ ସଂଖ୍ୟକ ଗରିବ ଲୋକଙ୍କୁ ଆବାସ ଯୋଜନାରେ ଯୋଡ଼ିବା ପାଇଁ ଅନେକ ପ୍ରମୁଖ ପଦକ୍ଷେପ ନିଆଯାଇଛି। ତଦନୁସାରେ, ମାର୍ଚ୍ଚ ୩୦ ତାରିଖରେ କଳାହାଣ୍ଡି ଜିଲ୍ଲାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି ଏବଂ ଅତି କମରେ ୫୦ ହଜାର ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି।

# ୬ଟି ଜାତୀୟ ଜଳମାର୍ଗ ଘୋଷିତ

**ଭୁବନେଶ୍ୱର,୧୬।୩ (ମହାଭାରତ):** ରାଜ୍ୟର ଛଅଟି ଜଳମାର୍ଗକୁ ଜାତୀୟ ଜଳମାର୍ଗ ରୂପେ ଘୋଷଣା କରାଯାଇଛି । ଭାରତ ସରକାରଙ୍କ ଜାତୀୟ ଜଳମାର୍ଗ ନୀତି - ୨୦୧୬ ଅନୁଯାୟୀ ଏହା ଘୋଷଣା ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଜଳମାର୍ଗ ଭାବେ ଘୋଷଣା ହୋଇଥିବା ୬ଟି ଜଳମାର୍ଗ ମଧ୍ୟରେ ୫ନମ୍ବର ଜାତୀୟ ଜଳମାର୍ଗର ଦୂରତା ୫୮୮ କିଲୋମିଟର । ଏହା ଓଡିଶାର ତାଳଚେର ଠାରୁ ପଶ୍ଚିମବଙ୍ଗର ଜିଓଁଖାଲି ପର୍ଯ୍ୟନ୍ତ ଲମ୍ବିଛି । ଏଥିରେ ବ୍ରାହ୍ମଣୀ, ଖରସୁଆଁ, କାଣୀ, ମଟେଇ, ମହାନଦୀ ଓ ଏହାର ଶାଖାନଦୀ ସମେତ ଇଷ୍ଟକୋଷ୍ଟ କେନାଲ ରହିଛି ।

ସେହିଭଳି ୧୪ନମ୍ବର ଜାତୀୟ ଜଳମାର୍ଗର ଦୈର୍ଘ୍ୟ ୪୯ କିଲୋମିଟର । ଏହା ଯାଜପୁରର ଦତ୍ତପୁର ଠାରୁ ଧାମରା ଓ ବୈତରଣୀ ନଦୀର ସଂଯୋଗ ସ୍ଥଳ ପର୍ଯ୍ୟନ୍ତ ବ୍ୟାପିଥିବାବେଳେ ଏଥିରେ କେବଳ ବୈତରଣୀ ନଦୀ ଆସୁଛି । ୧୫୬ କିଲୋମିଟର ଦୈର୍ଘ୍ୟ ୨୨ନମ୍ବର ଜାତୀୟ ଜଳମାର୍ଗ ଚୌଦ୍ୱାରର ବିରୂପା ଆନିକଟ ଠାରୁ ବ୍ରାହ୍ମଣୀ ନଦୀର କାଟଣା ପର୍ଯ୍ୟନ୍ତ ବିଭନ୍ନ ବାଟ ଦେଇ ଯାଇଛି । ଏହା ମଧ୍ୟରେ ବିରୂପା, ବଡି, ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀ ରହିଛି । ୨୩ ନମ୍ବର ଜାତୀୟ ଜଳମାର୍ଗ ୫୬ କିଲୋମିଟର ରହିଛି । ଏହା ମୟୁରଭ ଜିଲ୍ଲାର ପାଟଳିପତ୍ରୁ ଠାରୁ ବାହାରି ବୁଢାବଳଙ୍ଗ ନଦୀ ଓ ବଙ୍ଗୋପସାଗରର ସଂଯୋଗସ୍ଥଳ ପର୍ଯ୍ୟନ୍ତ ଯାଇଛି । ୬୪ନମ୍ବର ଜାତୀୟ ଜଳମାର୍ଗର ଦୂରତା ୪୨୫ କିଲୋମିଟର ରହିଛି । ଏହା ସମ୍ବଲପୁର ଆନିକଟରୁ ପାରାଦୀପ ପର୍ଯ୍ୟ' ଥିବାବେଳେ ୩୧୪ କିଲୋମିଟର ଦୂରତା ଥିବା ୯୬ ନମ୍ବର ଜାତୀୟ ଜଳମାର୍ଗ ଝାଡଖଣ୍ଡ ରାଜ୍ୟର ଚାନ୍ଦିଲି ଡ୍ୟାମ ଠାରୁ ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପସାଗରର ସଂଯୋଗସ୍ଥଳ ପର୍ଯ୍ୟନ୍ତ ରହିଛି। ଏହିସବୁ ଜଳମାର୍ଗ ମଧ୍ୟରୁ କେବଳ ଜାତୀୟ ଜଳମାର୍ଗ-୫ର ପ୍ରଥମ ପର୍ଯ୍ୟାୟ ଉନ୍ନୟନ ନିମନ୍ତେ ବିଦ୍ୟୁତ୍ ଲାଇନ୍‌କୁ ନିରାପଦ ଉଚ୍ଚତାକୁ ନେବାପାଇଁ ଭାରତୀୟ ଜଳମାର୍ଗ ପ୍ରାଧିକରଣଙ୍କ ଦ୍ୱାରା ୪୩.୯୮ କୋଟି ଟଙ୍କା ବ୍ୟୟ କରାଯାଇଛି। ପଙ୍କପାଳ ଠାରେ ଏକ ସ୍ଥାୟୀ ଟର୍ମିନାଲ ପାଇଁ ୧୧୫ ଏକର ଜମି ଅଧିଗ୍ରହଣ ସକାଶେ ରାଜ୍ୟ ସରକାର ୧କୋଟି ୯୦ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି।

# ଓଜେଏସ୍ ପରୀକ୍ଷାରେ କିଟ୍ ଲ'ସ୍କୁଲ୍‌ର ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ଭୁବନେଶ୍ୱର,୧୬।୩ (ମହାଭାରତ):** ଓଡ଼ିଶା ବିଚାର ବିଭାଗୀୟ ସେବା (ଓଜେଏସ୍) ପରୀକ୍ଷାରେ କିଟ୍ ଲ ସ୍କୁଲ୍‌ର ୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗୁରୁବାର ଓଜେଏସ୍ -୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିଟ୍ ଲ ସ୍କୁଲ୍‌ରୁ ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଲ ସ୍କୁଲ୍‌ର ଅଭିପ୍ସା ମହାକୁଡ଼ ୧୨ତମ, ଶ୍ରୀୟଙ୍କା ଦାଶ ୧୩ ତମ ଓ ଆର୍ଯ୍ୟ କୁମାର ସେନାପତି ୧୮ତମ ସ୍ଥାନରେ ରହିଛନ୍ତି। ଅଭିପ୍ସା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗରେ ସହକାରୀ ନିର୍ଦ୍ଦେଶକ, ଆଇନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀୟଙ୍କା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଗବେଷଣା ସହକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଫଳତାରେ ଅଭିଭାବକ ତଥା ଛାତ୍ରଛାତ୍ରୀମାନେ କିଟ୍ ଲ ସ୍କୁଲ୍‌କୁ ଧନ୍ୟବାଦ ଜଣାଇବା ସହ ଏଠାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବାରୁ କିଟ୍ ଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଲଗାତାର ସଫଳତା ହାସଲ କରିଆସୁଛନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ଏହି ଅଭୂତପୂର୍ବ ସଫଳତାରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଲ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ଓ ଅଧ୍ୟାପକ ଅଧ୍ୟାପିକାଙ୍କ ନିରନ୍ତର ପ୍ରୟାସ ଯୋଗୁଁ କିଟ୍ ଲ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ବର୍ଷ ସଫଳତା ପାଇ ଆସୁଛନ୍ତି ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିପାରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ବେଆଇନ ବନ୍ଧୁକ କାରଖାନା ଠାବ

**ଭୁବନେଶ୍ୱର,୧୬।୩ (ମହାଭାରତ):** କଟକ କମିଶନରେଟ ପୋଲିସ ଅଧିନସ୍ଥ ୪୨ ମୌଜା ଥାନା ଅନ୍ତର୍ଗତ ଧୂଳିଶ୍ୱର୍ ଗ୍ରାମର ଏକ ବେଆଇନ ବନ୍ଧୁକ କାରଖାନା ଉପରେ କୋଲକାତା ଓ ଭୁବନେଶ୍ୱର ଏସଟିଏଫ, ୪୨ ମୌଜା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଏହି ଚଢାଉ ବେଳେ କାରଖାନାରେ ଥିବା ୩୦ଟି ମୌଜାର,ବନ୍ଧୁକ ତିଆରି ସରଞ୍ଜାମ ଓ ଲେଦ ମେଶିନ ଜବତ କରାଯାଇଥିଲା। ଏହି ବେଆଇନ ବନ୍ଧୁକ ନିର୍ମାଣ କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଉଠାଇ ନେଇଛି। ଏହି ଅଭିଯୁକ୍ତମାନେ ହେଲେ ବନ୍ଧୁକ କାରଖାନାର ଘର ମାଲିକ ତଥା ଧୂଳିଶ୍ୱର ଗ୍ରାମର ଶରତ ବେହେରା(୫୮), ବିହାର ମୁଙ୍ଗେରର ସମଶେର ଆଲମ( ଓ ମହମ୍ମଦ ଆବିଦ ହୁସେନ,ପଶ୍ଚିମ ବଙ୍ଗର ମହମ୍ମଦ ଆଜମୟ ଏନେଇ ପଶ୍ଚିମବଙ୍ଗ ପୋଲିସ ମାମଲା ରୁଜୁ କରି ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି। ୨୦୨୪ରୁ ଏହି ତିନି ସନ୍ଦିଗ୍ଧ ଶରତଙ୍କ ଘରେ ଭଡ଼ାସୂତ୍ରରେ ରହିଥିଲେ। ସିଡୁଆ। ନଦୀ ବନ୍ଧ ବାଟେ ଲେଦ ମେଶିନ ଓ ଅନ୍ୟ ଯନ୍ତ୍ରପାତି ବାହାରୁ ଆସି ମାଉଜର ଓ ଦେଶୀ ବନ୍ଧୁକ ତିଆରି କରାଯାଉଥିଲା। ପରେ ଏହାକୁ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟକୁ ରାତି ଅଧରେ ଚାଲାଣ



କରାଯାଉଥିଲା ବୋଲି ୩ ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଗୃହ ମାଲିକ ଶରତ ଗିରଫ ହେବା ପୂର୍ବରୁ ନିଜ ପ୍ରତିକ୍ରିୟାରେ ୨୦୨୪ ଜାନୁଆରୀ ମାସରୁ ତିନି ବ୍ୟକ୍ତି ଭଡ଼ା ସୂତ୍ରରେ ଘର ନେଇଥିଲେ। ମାତ୍ର ସେମାନଙ୍କ ପରିଚୟପତ୍ର ଘରୁ ଆଣି ଦେବେ ବୋଲି କହି ଆଜି ପର୍ଯ୍ୟନ୍ତ ଦେଇ ନାହାନ୍ତି ବୋଲି କହିଥିଲେ। ଏହାଛଡ଼ା ବନ୍ଧୁକ କାରଖାନା ସମ୍ପର୍କରେ କିଛି ଜାଣି ପାରି ନ ଥିଲେ ବୋଲି କହିଥିଲେ।

# ଶତ୍ରୁର ଶତ୍ରୁ ମିତ୍ର

ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଇଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବି୍ବର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ଟାରିଫ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ଋଷିଆ ସହ ହାତ ମିଳାଇଛନ୍ତି।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାସ୍କ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍‌ଲି ଅବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍‌ଲି ଅବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍‌ସଙ୍ଗର ଆହ୍ୱାନ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ପାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁସ୍ଥ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧ୍ୟାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧ୍ୟାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନିରାପଦ ମାତୃତ୍ୱ : ଆଜିର ଆହ୍ୱାନ

॥ ଡାକ୍ତର କାନ୍ତୀ ନାୟକ ॥

ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି। ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା। ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ। କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ। ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍‌ଣ ସମସ୍ୟାକୁ ସାମ୍ନା କରିଥାଏ। ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା। ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ। ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି। ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି। ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି। ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି। ତେବେ ଏତେ ସବୁ ଭିତରେ ମଧ୍ୟ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହୃତ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି। କେନ୍ଦ୍ର ସରକାର ମଧ୍ୟ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି। ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା। ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

## ଆସିକା ବିଧାୟକଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର



ଆସିକା (ମହାଭାରତ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ର ବିଧାୟକ ସରୋଜ କୁମାର ପାଢ଼ୀଙ୍କ ଜନ୍ମ ଦିନ ପାଳନ ଅବସରରେ ଚକ୍ଷୁ ପରୀକ୍ଷା ଓ ମେଗା ରକ୍ତଦାନ ଶିବିର ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ବିଧାୟକ ସରୋଜ କୁମାର ପାଢ଼ୀ, ବରିଷ୍ଠ ବିଜେପି ନେତା ବିଜୟ ସାଇଁ,ଶିବ ନାୟକ, ଭଗବାନ ସାହୁ, ବିଧାୟକଙ୍କ ଦୁଇ ପୁଅ ସନ୍ଦୀପ ପାଢ଼ୀ, ସଂଗୀତ ପାଢ଼ୀ, ଯୁବ ନେତା ସତ୍ୟ ନାରାୟଣ ସ୍ୱାଇଁ, ସମେତ ବହୁ ସରପ□, ସମିତିସଭ୍ୟ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜିର ଏହି ରକ୍ତଦାନ ଶିବିରରେ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୫୩ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ।

# ୭ ପରିବାରର ଜଳିଗଲା ୧୦ ବଖରା

ଭଞ୍ଜନଗର(ମହାଭାରତ): ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ଦୋମୁହାଣୀ ପଞ୍ଚାୟତର ବଞ୍ଚର ସାହି ନିକଟସ୍ଥ ତିନିସାହିରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ନିଆଁ ଲାଗିଯାଇଥିଲା। ଫଳରେ ଚାହୁଁ ଚାହୁଁ ୭ଟି ପରିବାରର ୧୦ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ କେଉଁଭଳି ପରିସ୍ଥିତିରେ ଲାଗିଲା ତାହା ସଠିକ୍ ଭାବେ ଜଣାପଡ଼ିନାହିଁ।କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ହେଲେ ବାବୁଲା ମଲ୍ଲିକ, ଗୁନା ମଲ୍ଲିକ, ନାନ୍ଦୁଲୁ ମଲ୍ଲିକ, ସବିତା ମଲ୍ଲିକ, ବିଳାସ ମଲ୍ଲିକ, ଉରି ମଲ୍ଲିକ ଓ ମୁନା ମଲ୍ଲିକ । କ୍ଷତିଗ୍ରସ୍ତ ପରିବାର ଗୁଡ଼ିକ



ଆଦିବାସୀ ଏବଂ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ସେଠୀ ନିବେଦନ କରିଛନ୍ତି ।ଅପରପକ୍ଷେ ଅଗ୍ନିକାଣ୍ଡ ସମ୍ପର୍କରେ ଭଞ୍ଜନଗର ଦମକଳବାହିନୀକୁ ଗ୍ରାମବାସୀ ସୂଚନା ଦେଇଥିଲେ। କିନ୍ତୁ ଭଞ୍ଜନଗରଠାରୁ ପ୍ରାୟ ୩୦ କିମି ଦୂରରେ ଉକ୍ତ ଗ୍ରାମଟି ଥିବା ଯୋଗୁ ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଅନ୍ୟପଟେ ଉକ୍ତ ଗ୍ରାମ ନିକଟରେ ନିଆଁ ଲିଭାଇବା ପାଇଁ ପାଣି ମଧ୍ୟ ଅଭାବ ଥିଲା ।ଘଟଣାରୁ ପ୍ରକାଶ ଯେ, ଗ୍ରାମର ପୁରୁଷ ଲୋକେ ଦିନ ବେଳେ କାମ କରିବାକୁ ବାହାରକୁ ଚାଲି ଯାଇଥିଲେ। ମହିଳା ଏବଂ ଶିଶୁମାନେ ଘରେ ଥିଲେ। ଏହିଭଳି ପରିସ୍ଥିତିରେ ହଠାତ୍ କାହାରି ଘରୁ ନିଆଁ ବାହାରିଥିଲା।। ପ୍ରବଳ ତାତି ସାଙ୍ଗକୁ ପବନ ବହିବା ଯୋଗୁ ଅଧଘ□ା ମଧ୍ୟରେ ସବୁ ଘର ପୋଡ଼ି ପାଉଁଶ ହୋଇଯାଇଥିଲା ।କିନ୍ତୁ ଏହି ସମୟରେ ଘରେ ଥିବା ମହିଳା ଓ ଶିଶୁମାନେ ନିଆଁ ଲାଗୁ ଲାଗୁ ଜାଣିପାରି ସମସ୍ତେ ଘରୁ ବାହାରକୁ ଚାଲି ଆସିବା ଯୋଗୁ ରକ୍ଷା ପାଇଯାଇଛନ୍ତି।

## ଯାଦବ ସମାଜ ପକ୍ଷରୁ ଦୋଳ ମହୋତ୍ସବ ପାଳିତ

କୋକସରା,(ମହାଭାରତ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ କୋକସରା ବ୍ଲକ ସଦର ପଞ୍ଚାୟତ ଚିଲିଗୁଡା ଠାରେ ରାଧାକୃଷ୍ଣ ଯାଦବ କମିଟି ପକ୍ଷରୁ ଗତ ୩ଦିନ ଧରି ଦୋଳ ମହୋତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଛି। ବୁଧବାର ଶୋଭାଯାତ୍ରା, ଅଧିବାସ ସହ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲାୟ ଗୁରୁବାର ପବିତ୍ର ଦୋଳ ବିମାନ ନଗର ପରିକ୍ରମା କରିଥିଲା। ଶୁକ୍ରବାର ଦୋଳ ଝୁଲଣ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ମହାପ୍ରଭୁଙ୍କ ହୋଲି ଉତ୍ସବ ପାଳନ କରିବା ସହ ରଙ୍ଗ ଅବିର ଖେଳାଯାଇ ମହୋତ୍ସବ ଉଦଯାପିତ ହୋଇଛି। ପ୍ରତିଦିନ ପୂଜା ସ୍ଥଳରେ ଭଜନ, କୀର୍ତ୍ତନ ହୋଇଥିବାବେଳେ ୨ଦିନ ଧରି ମନୋରଞ୍ଜନ କାର୍ଯ୍ୟକ୍ରମରେ ନାଟକ ପରିବେଷଣ ହୋଇଥିଲାୟ ଉଦଘାଟନୀ ଉତ୍ସବରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଉଦଯାପନୀ ଦିବସରେ ଅବସରପ୍ରାପ୍ତ ସେନା କର୍ମଚାରୀ କ୍ଷୀରବ୍ଧି ବେମାଲ ମୁଖ୍ୟ ଅତିଥି, ଅଲେଖ ଗୋପାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂଜା କର୍ତ୍ତା ଭାବରେ ସୁରେଶ ତାଣ୍ଡି ଓ ତାଙ୍କ ସହଧର୍ମିଣୀ ମଦନା ତାଣ୍ଡି ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ସଭାପତି କାଳୀକୃଷ୍ଣ ବାଗ, ସମ୍ପାଦକ ସନ୍ତୋଷ ତାଣ୍ଡି, ଜୟକୃଷ୍ଣ ତାଣ୍ଡି, ବିଦ୍ୟାଧର ଗହୀର, ପ୍ରକାଶ ଗୋପାଳ, ରାକେଶ ବେମାଲ, ଜଗା ବେମାଲ, ରଜନୀ ବେମାଲ, ଚକ୍ରଧର ପୁଞ୍ଜି, ପଞ୍ଚାନନ ଗୋପାଳ, ଧନେଶ୍ୱର ଗୋପାଳ, ଅଭିମନ୍ୟୁ ଗୋପାଳ, ବସନ୍ତ ଗୋପାଳ, ଚୈତନ ଗୋପାଳ, ବୈକୁଣ୍ଠ ତାଣ୍ଡି, ପରିମଳ ଗୋପାଳ ସମେତ ରାଧାକୃଷ୍ଣ ଯାଦବ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଠାକୁରମୁଣ୍ଡା ପୋଲିସ ଚଢ଼ାଉ, ୧୨ କୁଇଣ୍ଟାଲ ରୁ ଉର୍ଦ୍ଧ ମହୁଲ ପଚ ନଷ୍ଟ



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ଥାନା ପୋଲିସ ଆଜି ତାଳପଦା ପଞ୍ଚାୟତ ସରାସପୋଷି ଜଙ୍ଗଲ ନିକଟରୁ ଦିନ ବେଳେ ମହୁଲି ମଦ ପ୍ରସ୍ତୁତ ପାଇଁ ଥିବା ୧୨୦୦୦ କିଲୋ ପଚ କୁ ଚଢାଉ କରି ନଷ୍ଟ କରିଛି ଠାକୁରମୁଣ୍ଡା ପୋଲିସ ।ଏଥି ସହିତ ମଦ ପ୍ରସ୍ତୁତି ରେ ବ୍ୟବହୃତ ସାମଗ୍ରୀ ଗୁଡିକୁ ଜବତ କରିଛି। ପ୍ରକାଶ ଯେ ଠାକୁରମୁଣ୍ଡା ଥାନା ଅଞ୍ଚଳ ର ବିଭିତ୍ତ ଗ୍ରାମରେ ଚୋରା ମହୁଲି ମଦ କାରବାର ବ୍ୟାପକ ଭାବରେ ହେଉଥିବା ଦେଖିବାକୁ ମିଳୁଛି। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଙ୍କ ନେତୃତ୍ୱରେ ଏକ ଟିମ୍ ହାବିଲଦାର ତମ୍ଭଧର ବାରିକ , ପୋଲିସ ରାମ ହାଁସଦା , ଅକ୍ଷୟ ପରିଡ଼ା ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଶେଷ ସୂତ୍ରରୁ ଖବର ପାଇ ତାଳପଦା ପଞ୍ଚାୟତ ର ସରାସପୋଷି ଜଙ୍ଗଲ ରୁ ଆନୁମାନିକ ୧୨୦୦୦ କିଲୋ ପଚ କୁ ନଷ୍ଟ କରିଥିଲେ ବେଳେ ୩୦ ଅଧିକ ପଚ ପ୍ରସ୍ତୁତି ଡ୍ରମ ଜବତ କରିଛି ଠାକୁରମୁଣ୍ଡା ପୋଲିସୟ ଘଟଣା ସ୍ଥଳରେ କେହି ନଥିବା ପୋଲିସ ସୂଚନା।

# ଏନସିସି ଆନୁକୂଲ୍ୟରେ ସଚେତନତା ସାଇକେଲ ରାଲୀ

ପାରାଦୀପ (ମହାଭାରତ) ତାରିଖ ଠାରୁ ଆରମ୍ଭ ହୋଇଥିବା ଓଡିଶା ଏନ୍ ସି ସି ନିର୍ଦ୍ଦେଶାଳୟ ଅଧିନରେ ଥିବା ଏନ୍ ସି ସି କଟକ ଗ୍ରୁପ ଆନୁକୂଲ୍ୟ ରେ ହେଉଥିବା ସାଇକେଲ ରାଲି ତୃତୀୟ ଦିବସରେ ପାରାଦୀପ ବନ୍ଦର ଠାରେ ପଦାର୍ପଣ କରିଥିଲା। ଏହି ୨୦ ଦିନିଆ ଯାତ୍ରା ର ଉଦ୍ଦେଶ୍ୟ ହେଲା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଦ୍ୱାରା ସମଗ୍ର ରାଜ୍ୟରେ ସାମାଜିକ ସଚେତନତା ଓ ଦାୟିତ୍ୱ ବୋଧକୁ ପ୍ରସାର କରି ଏକ ସୁସ୍ଥ ସମାଜ ଓ ଦେଶ ଗଠନ କରିବା । ମେଜର ଡକ୍ଟର ଆଶୁତୋଷ ତ୍ରିପାଠୀ ଙ୍କ ନେତୃ ରେ ଯାତ୍ରା କରୁଥିବା ସାଇକଲ ଦଳକୁ ପାରାଦୀପ



ବେଳାଭୂମି ଠାରେ ପାରାଦୀପ ମହାବିଦ୍ୟାଳୟ ଏନ୍ ସି ସି ଓ ମହାବିଦ୍ୟାଳୟ ଏନ୍ ସି ସି ଆଲୁମ୍ନି ଆସୋସିଏସନ୍ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ଯୋଗଦେଇ ଯାତ୍ରା ର ସଫଳତା କାମନା କରିଥିଲେୟ ଯାତ୍ରା ଦଳ କୁ ଉତ୍ସାହିତ କରିବା ପାଇଁ କ୍ୟାଡେଟ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି ସମସ୍ତ ଆର୍ଯ୍ୟକ୍ରମ କୁ ମହାବିଦ୍ୟାଳୟ ର ଏନ୍ ସି ସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସଫଳତାର ସହ ପରିଚାଳନା କରିଥିଲେ। ବନ୍ଦର ନଗରୀର ବହୁ ଜନ ସାଧାରଣ ଏହି ସଭାରେ ଯୋଗ ଦେଇଥିଲେ ।

## ଜୟପୁର ଗ୍ରାମ ନିକଟରଷିକୂଲ୍ୟା ନଦୀରେ ବୁଡ଼ି ଜଣେ ମୃତ

ଆସିକା (ମହାଭାରତ)ଁ: ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ଜୟପୁର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା । ଗ୍ରାମ ନିକଟ ଋଷିକୂଲ୍ୟା ନଦୀ କୁ ଗାଧୋଇବାକୁ ଯାଇ ନଦୀ ବୁଡ଼ି ଜଣେ ବୃଦ୍ଧ ଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ଜୟପୁର ଗ୍ରାମ ଖାଦାଳ ସାହି ର ହରିହର ନାହାକ ହୋଇଥିବା ଜଣାପଡିଛି । ହରିହର ଆଜି ମଧ୍ୟାହ୍ନ ରେ ଗ୍ରାମ ନିକଟ ଋଷୁକୂଲ୍ୟା ନଦୀ କୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ । ଦୀର୍ଘ ସମୟଧରି ସେ ଘରକୁ ନାଫେରିବା କାରଣରୁ ପରିବାର ଲୋକେ ତାଙ୍କୁ ବହୁଆଡେ ଖୋଜା ଖୋଜି ପରେ ନଦୀରେ ଭାସୁଥିବା ଦେଖିବାକୁ ପାଇ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଗ୍ରାମରେ ପହଞ୍ଚି ନଦୀରୁ ହରିହର କୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି ।

## ୧୦୦ବର୍ଷ ହେଲା ଦୁଃଖ ଶୁଣୁଥିବା ଠାକୁର ସିଏ



ହାଟଡିହି ବ୍ଲକ ର ଆଇତିପୂର୍ ପଞ୍ଚାୟତ ରତକଣା ଗାଁ ରେ ଠାକୁର ଶ୍ରୀଶ୍ରୀ ଶିଶୁ ଅନନ୍ତ ଙ୍କ ପ୍ରତିଷ୍ଠା ଉତ୍ସବ। କାହିଁ କେଉଁ କାଳରୁ ଠାକୁର ଆଶ୍ରମ ରେ ରହି ଆମକୁ ଜଗି ରହିଛନ୍ତି। ଆମେ ଗ୍ରାମବାସୀ ଙ୍କ ମାନେ ବିଭିତ୍ତ ସ୍ଥାନରୁ ମାଗି ମାଗି ଏତେକ କରିପାରିଛୁ। ଯାହାକୁ ଏବେ ଆମ ଗାଁ ରେ ସୃଷ୍ଟି କରିଛି ଆଧାତ୍ମିକ ପରିବେଶୟ ଏହି ଠାକୁର ବଡ ବଡ ରୋଗ କୁ ଭଲ କରିଥିବାରୁ ଆମର ବିଶ୍ୱାସ ଦୁଇ ଗୁଣିତ ହୋଇଛି। ଆଜି ଏହୀ ପୂଜା ତିନି ଦିନ ଧରି ଚାଲିବାକୁ ରହିଥିବା ବେଳେ ପ୍ରଥମ ଦିନରେ କୁଣ୍ଡ ମଣ୍ଡଳ, ସାଜସଜ୍ଜା, ସହ ଅଙ୍କୁରା ରୋପଣ ହୋଇଥାଏ। ଦିତୀୟ ଦିନ କଳସ ସ୍ଥାପନ ପୂଜା କର୍ମ ଠାକୁର ସ୍ଥାପନା ଓ ଶେଷ ଦିନରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବୟ ଏହି କାର୍ଯ୍ୟକ୍ରମ ରେ ନାରାୟଣ ପାତ୍ର ପ୍ରତିମା ପାତ୍ର କ□ା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଏଥିରେ ପୂଜକ ଭାବେ ରବି ନାରାୟଣ ପଣ୍ଡା ମୁଖ୍ୟ ଆଚାର୍ଯ୍ୟ ରହିଥିବା ବେଳେ ଗ୍ରାମ ଯୁବକ ମାନେ କଳସ ବୁଡ଼ା ଥିଲା ବେଳେ ଅନ୍ୟ ମାନେ ସହଯୋଗ କରିଥିଲେ। ସେମାନେ ହେଲେ କୋଦଣ୍ଡ ଜେନା, ଯୁଧିଷ୍ଠିର ପାତ୍ର, ପ୍ରେମାନନ୍ଦଜେନା, ଦିପ୍ତିରଞ୍ଜନ ପାତ୍ର, ରଶ୍ମିରଞ୍ଜନ ପାତ୍ର, ଦିବାକର ମହାନ୍ତି, ରତ୍ନାକର ମହାନ୍ତି, ଅଳତୀ କିଶୋର ଜେନା, ତପନ ଜେନା, ସୁଦର୍ଶନ ଲେଙ୍କା, ପ୍ରଶାନ୍ତ ଲେଙ୍କା ପ୍ରମୁଖ ସହୋଯୋଗ କରିଥିଲେ । ମହିଳା ମାନଙ୍କ ମଧରେ ରଶ୍ମିତା ସ୍ୱାଇଁ, କୁନ୍ତଳା ପାତ୍ର, ସଂଯୁଲତା ପାତ୍ର, ଶାନ୍ତିଲତା ଜେନା, ରହିଥିଲେ। ସବୁଠାରୁ ବଡ କଥା ହେଲା ଏଠାରୁ ଜଣେ ବ୍ୟକ୍ତି ବ୍ଲଡ଼ କ୍ୟାନ୍ସର ରୁ ଠିକ୍ ହୋଇଥିଲେ। ସେ ହେଉଛନ୍ତି ବଟକୃଷ୍ଣ ପାତ୍ର ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସବୁ କାମ କରୁଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ତହଁକ ତିହାର ଉଦଯାପିତ ହୋଇଯାଇଛି



ବଲାଙ୍ଗୀର ( ମହାଭାରତ ) ବଲାଙ୍ଗୀର ସାଗର ପଡା କ୍ଲବ ଠାରେ ତହଁକ ସାହିତ୍ୟ କୁଟୁମର ବଛରକିଆ ଉଛବ ତହଁକ ତିହାର ୧୫ ଓ ୧୬ ଦୁଇ ଦିନ ଧରି ମହା ଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି । ୧୫ ତାରିଖ ହୋଇଥିବା ଆଲୋଚନା ଚକ୍ର କୋସଲି କଲା ଆର୍ ସାହିତ୍ୟର ସ୍ଥିତି କେନ୍ ଆଡେ ଆଲୋଚନା ଚକ୍ର ରେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷି, କବି ଆନନ୍ଦ ଚନ୍ଦ୍ର ସାହୁ , ନେପାଳ ଚନ୍ଦ୍ର ବାଗ୍ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଦ୍ୱିତିୟ ଅଧିବେସନ ପିରତି ଫଗୁନ କବିତା ଆସରରେ କବି ଦିଗାମ୍ବର ନାଏକ, ଜଗବନ୍ଧୁ ପଟେଲ୍, କପିଳେଶ୍ୱର ଖମାରି ମଞ୍ଚାସୀନ ଥିଲେ । କବି ଧର୍ମେନ୍ଦ୍ର ପ୍ରଧାନ ଓ ଶ୍ରଦ୍ଧା ନାଏକ୍ ସଂଯୋଜନା କରିଥିଲେ । ୧୬ ତାରିଖ ତହଁକ ତିହାର କାର୍ଯ୍ୟକ୍ରମ ରେ ପ୍ରଥମେ ମାଁ ପାଟଣେଶ୍ୱରୀ ଏବଂ ସମଲେଶ୍ୱରୀଙ୍କ ଫଟୋଚିତ୍ର ରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କବି ରାଜିବ ଭୋଇ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସମାଜସେବୀ ସୁଶିଳ କୁମାର ଗୁରୁ ସମ୍ମାନିତ ଅତିଥି କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ଶୁଭ୍ରାଂଶୁ ପଟେଲ୍, ଗୟାଧର ପଟେଲ୍, ମଧୁସୂଦନ ଦାସ୍, ଗୋପୀନାଥ ଦଣ୍ଡସେନା ମଞ୍ଚାସୀନ ଥିଲେ । ଏବର୍ଷ ତହଁକ ସମ୍ମାନ କୋସଲି କବି ନିରଞ୍ଜନ ପଣ୍ଡା, ତହଁକ କଳା ସମ୍ମାନ ନବୀନ କୁଅଁର, ତହଁକ ସମାଜ ସେବା ସମ୍ମାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ସଂଗଠକ ସମ୍ମାନ ଟିକେଲାଲ ବେହେରା, ତହଁକ ପ୍ରକୃତି ପ୍ରେମି ସମ୍ମାନ ଦିଗାମ୍ବର ନାଏକ ଙ୍କୁ ପ୍ରଦାନ କରାଯାଇଥିଲା । ଅତିଥି ମାନ ଙ୍କ ଦ୍ୱାରା ତହଁକ୍ ପତ୍ରିକା ଉନ୍ମୋଚିତ ହୋଇଥିଲା। ରବିନ୍ଦ ଦାସ, ଅଶୋକ ମେହେର, ତରଭା କବି କୁଟୁମ୍ କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଦଳସର ର ହୁମୋ ବଉଳି ଏବଂ ସମାରୁ ମହାନନ୍ଦ ଙ୍କ ଘୁଡୁକା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଦ୍ୱିତିୟ ଅଧିବେସନ କୋସଲି କବିତା ଆସରରେ କବି ସୁଶାନ୍ତ ବାଗ୍, ଗୋପାଳ ମେହେର, ଶାନ୍ତନୁ ପଣ୍ଡା ଅତିଥିଭାବେ ମଞ୍ଚାସୀନ ଥିଲେ । କବିତା ଆସରକୁ କବି ଦିଲ୍ଲିପ ମିଶ୍ର, ଜ୍ୟୋତିରାଣୀ ମିଶ୍ର, ଆହ୍ଲାଦିନୀ ପାଣିଗ୍ରାହୀ ଦାସ୍ ସଂଯୋଜନା କରିଥିଲେ । ସଂପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମୂଖ୍ୟ ସଂପାଦକ ଅର୍ଜୁନ ସାହୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଶ୍ରିୟାକାଂତ ଦାସ, ଗିରିସ ପାତ୍ର, ଅଭିଜିତ ଫରିକାର, ନିକିତା ସା, ମାନସୀ ସାହୁ, ସାଲିନି ସା, କବିତା ମିଶ୍ର, ଜୋତିରାଣୀ ମିଶ୍ର,ରୋଶନ ସାହୁ, ଭରତ ମେହେର, ବାସନ୍ତୀ ମଞ୍ଜରୀ ହନୁମାନ, ପୁଷ୍ପାଞ୍ଜଳି ମେହେର, ଗୀତାଞ୍ଜଳି ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ତୃପ୍ତିମୟୀ ତ୍ରିପାଠୀ, ଅରୁଣୀ ତ୍ରିପାଠୀ, , ଭବାନୀ ମିଶ୍ର, ବିବେକ ପ୍ରଧାନ ୟ ସଂଧାରେ ବ୍ୟଙ୍ଗ କବିତା ଆସର୍ ହୋଇଥିଲା ଏହି ଅବସରରେ ଦିଲିପ ମହାନ୍ତି, ଭରତ ନାଏକ, ରବିଚନ୍ଦ୍ର ସାହୁ, ଯଶୋବନ୍ତ କୁମ୍ଭାର ଯୋଗ ଦେଇ ଦର୍ଶକଙ୍କୁ ହାସ୍ୟ କବିତା ରେ ହସର ଖୁରାକ ଯୋଗାଇଥିଲେ। ଶେଷରେ ମିଳନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋଳ ପୂର୍ଣ୍ଣିମା ଉପଲକ୍ଷେ ମଞ୍ଚସ୍ଥ ହେଲା ସାମାଜିକ ନାଟକ ଲୁହରେ ଆରମ୍ଭ ଲୁହରେ ଶେଷ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଲାପଡା ଠାରେ ପୂର୍ବେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ମାହା ସମାରୋହରେ ପାଳିତ ହୋଇଯାଇଛି ।ତେବେ ଦୀର୍ଘ ପଚାଶ ବର୍ଷ ରୁ ଅଧିକ ସମୟ ଧରି ଏହି କେଲାପଡା ଗାଁ ରେ ବହୁ ଧୂମଧାମ ରେ ଏହି ଦୋଳପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ଗାଁ ର କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିବା ସାମାଜିକ ନାଟକ ଲୁହରେ ଆରମ୍ଭ ଲୁହରେ ଶେଷ ନାଟକ ମୁଖ୍ୟ ଆକର୍ଷଣ ସାଜିଥିଲା । ଫିରିଙ୍ଗିଆ ଅଂଚଳର ଜଣାଶୁଣା ନାଟ୍ୟନିର୍ଦ୍ଦେଶକ ଯତୀନ୍ଦ୍ର କଟା ଙ୍କ ବଳିଷ୍ଠ ନିର୍ଦ୍ଦେଶନା ରେ ପ୍ରାୟ ଏକ ମାସ ପରିଶ୍ରମ କରି ଏହି ନାଟକଟିକୁ ପରିବେଷଣ କରିଥିଲେ। କେଲାପଡା ଠାରେ ଥିବା ଗୋପବନ୍ଧୁ ସାଂସ୍କୃତିକ କଳାପରିଷଦ ଏହି ନାଟକଟିକୁ ଆୟୋଜନ କରିଥିବାବେଳେ କଳାପରିଷଦ ର ସଭାପତି ବସନ୍ତ କହଁର ଙ୍କ ପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ଏହି ନାଟକର ଉଦ୍ଘାଟନୀ ଉତ୍ସବ ରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଫୁଲବାଣୀ ବିଧାୟକ ଦୁଗୁନୀ କହଁର, ବିଜେପି ନେତା ରାଗୁପତି କହଁର,ଜିଲ୍ଲାପରିଷଦ ସଭ୍ୟ ନୀଳଗିରି ଦିଗାଲ,କେଲାପଡା ସରପ□ ସ୍ୱର୍ଣ୍ଣଲତା ପ୍ରଧାନ, ନୂପଦର ସରପଞ୍ଚ ଭବାନୀଶଙ୍କର କହଁର, ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର, ସମିତି ସଭ୍ୟ ବୈରାଗୀ କହଁର, ନାଏବ ସରପଞ୍ଚ ଶ୍ରୀକାନ୍ତ ଦିଗାଲ,ଗ୍ରାମ୍ୟ ସଭାପତି ପ୍ରଫୁଲ୍ଲ ବେହେରା ଙ୍କ ସହ ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ଅଂଚଳର ଜଣାଶୁଣା ସଜସେବି ବୁନା କହଁର ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ନାଏକ ଧନ୍ୟବାଦ ଦେଇଥିଲେ । ତେବେ କାର୍ଯ୍ୟକ୍ରମ କୁ ସାଂସ୍କୃତିକ ପରିଷଦ ର ସମ୍ପାଦକ ମିଥୁନ ନାୟକ ଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମିଳିମିସି ସହଯୋଗ କରିଥିଲେ ଓ ନାଟକରେ ଯୁବକ ସଙ୍ଘର କଳାକାର ମାନେ ଅଭିନୟ କରିଥିବା ବେଳେ ନାଟକ ଟି ବେସ ମନଛୁଆଁ ହୋଇପାରିଥିଲା।



# ସ୍କୁଲ ଛାତ୍ରଛାତ୍ରୀ ଙ୍କୁ ଦିଆଯାଉଛି ନିମ୍ନ ମାନର ସ୍କୁଲ ୟୁନିଫର୍ମ

## ଦୁଇଦିନ ବ୍ୟବହାର ନକରୁଣୁ ଡ୍ରେସ ରୁ ଖୋଲି ଯାଉଛି ସିଲେଇ

କନ୍ଧମାଳ(ମହାଭାରତ): ରାଜ୍ୟ ସରକାର ଶିକ୍ଷାର ବିକାଶ ଉତ୍ତତ ଉତ୍ତତ ମାନର ଶିକ୍ଷା ଓ ବିଦ୍ୟାଳୟ ମାନଙ୍କରେ ଶୈକ୍ଷିକ ବାତାବରଣ କୁ ଆଖି ଆଗରେ ରଖି ବିଦ୍ୟାଳୟ ମାନଙ୍କ ରେ ମାଗଣାରେ ମାଧାଓ ଭୋଜନ, ପାଠ ପଢିବା ପାଇଁ ପତ୍ର ଓ ଛାତ୍ର ଛାତ୍ରୀ ମାନଙ୍କୁ ମାଗଣା ରେ ୟୁନିଫର୍ମ ଦେବାର ବ୍ୟବସ୍ଥା କରିଛନ୍ତି । ଅନେକ ସମୟରେ ବିଭିତ୍ତ ବିଦ୍ୟାଳୟ ମାନଙ୍କରେ ନିମ୍ନମାନର ମାଧାହ୍ନ ଭୋଜନ ଦିଆଯାଉଥିବା ବିଭିନ୍ନ ଗଣମାଧମ ରେ ପ୍ରକାଶ ପାଇସାରିଥିବା ବେଳେ ଏଭଳି ନିମ୍ନ ମାନର ମାଧାଓ ଭୋଜନ କୁ ନେଇ ଅନେକ ନଜିର ମଧ୍ୟ ରହିଛି । କିନ୍ତୁ ଏବେ କିଛିଦିନ ହେଲା ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ନିମ୍ନ ମାନର ୟୁନିଫର୍ମ ଦିଆଯାଉଥିବା ଚର୍ଚ୍ଚାର ବିଷୟ ପାଲଟିଛି । ବିଶେଷ କରି କନ୍ଧମାଳ ଜିଲ୍ଲା ର ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବରେ ଜଣାଶୁଣା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ବିଦ୍ୟାଳୟ ମାନଙ୍କ ରେ ଚଳିତ ବର୍ଷ ଦିଆଯାଇଥିବା ସ୍କୁଲ ୟୁନିଫର୍ମ ଅତି ନିମ୍ନ ମାନର ହୋଇଥିବା ସାରା ଫିରିଙ୍ଗିଆ ଅଂଚଳରେ ଚର୍ଚ୍ଚାର ଆଲୋଚନା ପର୍ଯ୍ୟାଲୋଚନା ଜାରିରହିଛି । ତେବେ ପୂର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ଏହି ସ୍କୁଲ ୟୁନିଫର୍ମ ଦେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ବ୍ଲକ ପ୍ରଶାସନ ଦାୟିତ୍ୱ ଦେଇଥିଲେ । ଏହା ସହ ଏହି ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ବ୍ଲକ ଅଧୀନରେ କାର୍ଯ୍ୟକରୁଥିବା ମିଶନ ଶକ୍ତି ବିଭାଗ ଚୟନ କରିଥିବା ଜଣାପଡିଛ। ଅନ୍ୟପଟେ ଡ୍ରେସ ବଣ୍ଟନ କରିବା ଆଗରୁ ଖୋଦ ଗୋଷ୍ଠି ଉତ୍ତୟନ ଅଧିକାରୀ ଅନୁପ ଅଭିଷେକ ବେହେରା ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କ ସହ ମିଶନ ଶକ୍ତି ର ପ୍ରକଳ୍ପ ମ୍ୟାନେଜର ଙ୍କୁ ସ୍ୱତନ୍ତ୍ର ଭାବରେ ଡାକି ନିମ୍ନ ମାନର ଡ୍ରେସ ନଦେବା ପାଇଁ ତାଗିତ ମଧ୍ୟ କରିଛନ୍ତି । ତଥାପି ସ୍କୁଲ ମାନଙ୍କରେ ନିମ୍ନ ମାନର ଡ୍ରେସ ଦିଆଯାଇଥିବା ବ୍ଲକ ର କିଛି ସ୍କୁଲ ର ଅଭିଭାବକ ମାନେ ଅଭିଯୋଗ କରିଥିବା ବେଳେ ତଦନ୍ତ କରିବା ପାଇଁ ମଧ୍ୟ ଦାବି କରିଛନ୍ତି । ସେପଟେ ସୂଚନା ଅନୁସାରେ ଫିରିଙ୍ଗିଆ ବ୍ଲକ ରେ ୧୯୨ ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ପ୍ରାୟ ୨୪ ଟି ଉଚ୍ଚ ବିଦ୍ୟାଳୟ ରହିଛି ଓ ବ୍ଲକ ରେ ଏହି ବିଦ୍ୟାଳୟ ମାନଙ୍କରେ ପାଖାପାଖି ପନ୍ଦର ହଜାର ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି ଓ ଏହି ଛାତ୍ର ଛାତ୍ରୀ ମାନଙ୍କୁ ବ୍ଲକ ଅଧୀନରେ କାର୍ଯ୍ୟକରୁଥିବା ପ୍ରାୟ ତେରେ ଗୋଟି ସ୍ୱୟଂ ସହାୟକ ଗୋଷ୍ଠି କୁ ମିଶନ ଶକ୍ତି ବିଭାଗ ତରଫରୁ ଡ୍ରେସ ଦେବା ପାଇଁ ଅନୁମତି ମିଳିଛି । ଅନ୍ୟପଟେ ଅଧିକ ଲାଭ ପାଇବା ଆଶାରେ ଓ ବିବାଗୀୟ କିଛି ଅଧିକାରୀ ଙ୍କ ପିସି କାରବାର ପାଇଁ ବାଧ ହୋଇ ଏଭଲଜ ନିମ୍ନ ମାନର ଡ୍ରେସ ଦିଆଯାଉଥିବା ଏକ ବିଶେଷ ସୂତ୍ର ରୁ ଜଣାପଡିଛି ଓ ବିଶେଷ କରି ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ରେ ବଣ୍ଟନ କରାଯାଇଥିବା ସ୍କୁଲ ୟୁନିଫର୍ମ ଅତି ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି । ତେବେ ଏହି ଡ୍ରେସ ଗୁଡିକୁ କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଅଧୀନରେ ଥିବା ସାରଙ୍ଗଗଡ଼ ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ ନାମକ ଜଣେ ୍ୟବସାୟୀ ଯୋଗାଇଥିବା ଜଣାପଡିଛି ଓ ଅନ୍ୟପଟେ ଛାତ୍ର ଛାତ୍ରୀ ମାନଙ୍କୁ ୟୁନିଫର୍ମ ବଣ୍ଟନ କରିବାର ଦୁଇଦିନ ନପୂରୁଣୁ ୟୁନିଫର୍ମ ଗୁଡ଼ିକରୁ ସିଲେଇ ଖୋଲି ଯାଉଥିବା ଦେଖିବାକୁ ମିଳିଛି ଓ ତେବେ ଏହି ସ୍କୁଲ ୟୁନିଫର୍ମ ବଣ୍ଟନ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୁର୍ନୀତି କରିଥିବା ଓ ଦୁର୍ନୀତି ରେ ଲିପ୍ତ ଥିବା ବିଭାଗୀୟ ଅଧିକାରୀ ଓ ସ୍ୱୟସହାୟ ଅଧିକାରୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳର ଶତାଧିକ ଅଭିଭାବକ।

# ବଢୁଛି ତାପମାତ୍ରା, ମେରୁରେ ତରଳୁଛି ଗ୍ଲାସିୟର

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ଦୀର୍ଘ ସମୟ ଧରି ମନୁଷ୍ୟଙ୍କୁ ବିସ୍ମିତ କରି ରଖିଛି ଆର୍କଟିକ୍ (ମେରୁ) । ପୃଥିବୀର ସର୍ବୋଚ୍ଚରେ ସ୍ଥିତ ଏହି ହିମ ଭୂଖଣ୍ଡରୁ ଏବେ କିନ୍ତୁ ଗମ୍ଭୀର ଚିନ୍ତାଜନକ ସଙ୍କେତ ଆସୁଛି । ବୈଜ୍ଞାନିକମାନେ ଏହାକୁ ନେଇ ଅତ୍ୟନ୍ତ ଚିନ୍ତାରେ । କାରଣ ଟ୍ରମ୍ପ୍ ପ୍ରଶାସନ ବିଶ୍ୱ ଜଳବାୟୁ ରଣନୀତିରୁ ଆମେରିକାକୁ ବାହାର କରିଦେଉଛି ଏବଂ ଏହାର ବିଜ୍ଞାନ ଏଜେନ୍ସିଗୁଡ଼ିକୁ ମଧ ବନ୍ଦ କରିଦେଉଛି । ଗତ ମାସ ସ୍ଥିତି ଚରମରେ ପହଞ୍ଚିଥିଲା । ଆଣ୍ଟାର୍କଟିକା ଅନେକ କ୍ଷେତ୍ରରେ ତାପମାତ୍ରା ୩୬ ଡିଗ୍ରୀ ଫାରେନ୍ହାଇଟ୍ (୨୦ ଡିଗ୍ରୀ ସେଲ୍ସିୟସ୍)ରେ ପହଞ୍ଚିଥିଲା, ଯାହା ସାଧାରଣରୁ ଅଧିକ । ମାସ ଶେଷ ସୁଦ୍ଧା ସମୁଦ୍ର ବରଫ ସର୍ବକାଳୀନ ନିମ୍ନ ସ୍ତରରେ ଥିଲା, ଯାହା ଲଗାତାର ୩ୟ ମାସ ରେକର୍ଡ ନିମ୍ନ ସ୍ତର । ଭୟଙ୍କର ବନାଗ୍ନି ଓ ପର୍ମାଫ୍ରଷ୍ଟ୍ (ମେରୁ କ୍ଷେତ୍ରରେ ବର୍ଷତମାମ ବରଫାବସ୍ଥାରେ ରହୁଥିବା ମାଟିର ବହଳ ପରସ୍ତ) ନିରନ୍ତର ତରଳୁଛି । ଏଥିପାଇଁ ଗ୍ରହର ଉତ୍ତାପ ବୃଦ୍ଧି ଫଳରେ ଉକ୍ତ କ୍ଷେତ୍ରରୁ ଚିନ୍ତାଜନକ ସଙ୍କେତ ମିଳିବାର ବର୍ଷେ ପରେ ଏହି ସ୍ଥିତି ସାମ୍ନାକୁ ଆସିଛି ।ମଣିଷ ନିରନ୍ତର ଜୀବାଶ୍ମ ଇନ୍ଧନ ଜାଳୁଥିବାରୁ ଏହି ସ୍ଥିତି ଗତ ଦୁଇ ଦଶନ୍ଧି ଧରି ମେରୁ କ୍ଷେତ୍ରର ଗମ୍ଭୀର ଚିତ୍ରକୁ ବର୍ଣ୍ଣନା କରୁଛି । ଆଣ୍ଟାର୍କଟିକା ଏବେ ଏକ ନୂଆ ସ୍ଥିତି ମଧ୍ୟରେ ରହିଛି, ଯେଉଁଠି ସମୁଦ୍ର ବରଫ କ୍ଷୟ ଓ ମହାସାଗର ତାପମାତ୍ରା ବୃଦ୍ଧି ଭଳି ସଙ୍କେତ ସର୍ବଦା ରେକର୍ଡ ଭାଙ୍ଗିନପାରେ । ତଥାପି ଅତୀତ ତୁଳନାରେ ନିରନ୍ତର ଅଧିକରୁ ଅଧିକ ଚରମ ହେବାରେ ଲାଗିଛି । ନ୍ୟାସନାଲ ଓସେନିକ୍



ଆଣ୍ଡ ଆଟ୍ମୋସଫିଅରିକ୍ ଆଡ୍ମିନିଷ୍ଟ୍ରେସନ୍ (ନୋଆ) ନିଜର ବାର୍ଷିକ ଯାଞ୍ଚ ରିପୋର୍ଟରେ ଏହା ସ୍ପଷ୍ଟ କରିଛି । ନ୍ୟାସନାଲ ସ୍ନୋ ଆଣ୍ଡ ଆଇସ୍ ଡାଟା ସେଣ୍ଟରର ପ୍ରମୁଖ ବୈଜ୍ଞାନିକ ଟ୍ୱିଲା ମୁନ୍ କହିଛନ୍ତି, ଏହା ଏଭଳି ଏକ ସମସ୍ୟା ଯାହାର ପ୍ରଭାବ ବିଶ୍ୱ ଉପରେ ରହିଛି । ମେରୁ ବା ଆଣ୍ଟାର୍କଟିକା କ୍ଷେତ୍ର ବିଶ୍ୱ ତାପମାତ୍ରା ଓ ଜଳବାୟୁ ପ୍ରଣାଳୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ଆମ ଗ୍ରହୀୟ ଏୟାର କଣ୍ଡିସନିଂ ସିଷ୍ଟମ୍ ଭଳି । ମେରୁ ବରଫ ହ୍ରାସ ବିଶ୍ୱ ଉତ୍ତାପନ ବୃଦ୍ଧି କରେ । ସମୁଦ୍ର ସ୍ତର ବୃଦ୍ଧିକୁ ବାଏ ଏବଂ ଅଧିକରୁ ଅଧିକ ଚରମ ଜଳବାୟୁ ସ୍ଥିତିର କାରଣ ହୁଏ । ଗତ ମାସ ସମୁଦ୍ର ବରଫ ମାତ୍ରା ୧୩.୭ ନିୟୁତ ବର୍ଗ କିମି ମପାଯାଇଥିଲା । ଏହା ୧୯୯୧-୨୦୨୦ ଫେବ୍ରୁଆରୀର ରେକର୍ଡଠୁ ୮ ପ୍ରତିଶତ କମ୍ ଥିଲା । ୨୦୨୪ ମସିହା ଡିସେମ୍ବରଠୁ ପ୍ରତ୍ୟେକ ମାସ ଏହି ମାତ୍ରା ହ୍ରାସ ପାଉଥିବା ରେକର୍ଡ କରାଯାଇଛି । ବୈଜ୍ଞାନିକଙ୍କ ଅନୁସାରେ, ଜଳବାୟୁ ପରିବର୍ତ୍ତନ ପାଇଁ ମେରୁ ହେଉଛି ପ୍ରାରମ୍ଭିକ ଚେତାବନୀ । ମେରୁ ସଙ୍କଟରେ ଅଛି ବୋଲି ସମୁଦ୍ର ବରଫ କ୍ଷୟ ତା'ର ସ୍ପଷ୍ଟ ସଙ୍କେତ ଦେଇଥାଏ । ବର୍ଷର ଏହି ସମୟରେ ମେରୁ ନିଜର ବାର୍ଷିକ ଚରମ ସ୍ତରରେ ପହଞ୍ଚିବା କଥା । କିନ୍ତୁ ଏହା ବଦଳରେ ଏଠାରେ ଲଗାତାର ହ୍ରାସ ରେକର୍ଡ ହେଉଛି ।ଆଣ୍ଟାର୍କଟିକା ସମୁଦ୍ର ବରଫ ଗ୍ରୀଷ୍ମଋତୁ ଶେଷରେ ସେପ୍ଟେମ୍ବରରେ ତରଳିଯାଏ । ଗତ ୧୮ ବର୍ଷରେ ସର୍ବନିମ୍ନ ସମୁଦ୍ର ବରଫ ସ୍ତର ରେକର୍ଡ ହୋଇଛି । ଏହି ହ୍ରାସ ଜାରି ରହିବ ବୋଲି ବୈଜ୍ଞାନିକମାନେ କହୁଛନ୍ତି । ଟ୍ୱିଲା ମୁନ୍ କହିଛନ୍ତି, ମେରୁ ଭୂଖଣ୍ଡ ବଦଳୁଛି । ପର୍ମାଫ୍ରଷ୍ଟ୍ ବ୍ୟାପକ ଭାବେ ତରଳିବା (ମାଟି, ପଥର ଓ ପଙ୍କର ମିଶ୍ରଣ ଯାହା ବରଫ ଦ୍ୱାରା ଏକତ୍ର ରହିଛି) ଯୋଗୁ ଗ୍ରହ ଉତ୍ତାପକାରୀ ଅଙ୍ଗାରକାମ୍ଳ ଓ ମିଥେନ ଗ୍ୟାସ୍ ଉତ୍ପନ୍ନ କରୁଛି । ବନାଗ୍ନି ଘଟଣା ନିରନ୍ତର ଆହୁରି ତୀବ୍ର ହୋଇଛି । ଗତ ୫ ବର୍ଷରେ ଗତ ବର୍ଷ ୩ୟ ଥର ମେରୁ କ୍ଷେତ୍ରରେ ବ୍ୟାପକ ନିଆଁ ଲାଗିଥିଲା । ନ୍ୟାସନାଲ ଓସେନିକ୍ ଆଣ୍ଡ ଆଟ୍ମୋସଫିଅରିକ୍ ଆଡ୍ମିନିଷ୍ଟ୍ରେସନ୍ (ନୋଆ) ଅନୁସାରେ, ଏହିସବୁ ପରିବର୍ତ୍ତନ ମୂଳତଃ ପରିସଂସ୍ଥାନକୁ ପରିବର୍ତ୍ତନ କରୁଛି । ହଜାର ହଜାର ବର୍ଷ ଧରି ଆର୍କଟିକ୍ ତୁନ୍ଦ୍ରାର ଶୁଦ୍ଧି ଭୂଖଣ୍ଡ ଅଙ୍ଗାରକ ଗଚ୍ଛିତ ରଖୁଥିଲା ।କିନ୍ତୁ ବନାଗ୍ନି ଓ ପର୍ମାଫ୍ରଷ୍ଟ୍ ତରଳିବା ଯୋଗୁ ଏହି କ୍ଷେତ୍ର ଏବେ ଯେତିକି ଅଙ୍ଗାରକ ଗଚ୍ଛିତ କରୁଛି, ତା'ଠୁ ଅଧିକ ଛାଡୁଛି ।

# ତୀବ୍ର ହେଉଛି 'ଟାରିଫ' ଯୁଦ୍ଧ

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ନୀତି ଯୋଗୁଁ ବିଶ୍ୱ ବାଣିଜ୍ୟ ଯୁଦ୍ଧ ବଢ଼ିବାର ଆଶଙ୍କା ଗଭୀର ହେବା ସହ ବଜାରରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି । ଟ୍ରମ୍ପ ଆମେରିକାକୁ ଆମଦାନୀ ହେଉଥିବା ଇସ୍ପାତ ଓ ଆଲୁମିନିୟମ ଉପରେ ୨୫ ପ୍ରତିଶତ ଅଧିକ ଶୁଳ୍କ ଲଗାଇଛନ୍ତି । ଆମେରିକାର ଏହି ପଦକ୍ଷେପ କାରଖାନାଗୁଡ଼ିକରେ ନିଯୁକ୍ତି ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି । ଏଥିସହ କାନାଡ଼ା ଏବଂ ୟୁରୋପୀୟ ସଂଘ ମଧ ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଉପରେ ଶୁଳ୍କ ସହ ଜବାବ ଦେଇଛନ୍ତି । ଆମେରିକାର ଏହି ପଦକ୍ଷେପ ପରେ କାନାଡା ମଧ ଆମେରିକାରୁ ଆମଦାନୀ ହେଉଥିବା ୨୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛି । ଏଥିସହିତ ୟୁରୋପୀୟ ସଂଘ ମଧ ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଘୋଷଣା କରିଛି । କାନାଡାର ଅର୍ଥମନ୍ତ୍ରୀ ଆମେରିକୀୟ ସାମଗ୍ରୀ



ଉପରେ ୨୫% ଶୁଳ୍କ ଘୋଷଣା କରିଛନ୍ତି । କାନାଡା ର ବୈଦେଶିକ ମନ୍ତ୍ରୀ ମେଲାନି ଜୋଲି କହିଛନ୍ତି, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଅନ୍ୟାୟ ଏବଂ ଆମେରିକା ବିରୋଧରେ ଲଢ଼େଇ କରିବାକୁ ପଡିବ । ସେହିପରି ୟୁରୋପୀୟ ସଂଘ ଏପ୍ରିଲରୁ ପ୍ରାୟ ୨୮ ବିଲିୟନ ଆମେରିକୀୟ ସାମଗ୍ରୀ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛି । ୟୁରୋପୀୟ ଆୟୋଗ ମୁଖ୍ୟ କହିଛନ୍ତି, ଏହାର ପ୍ରତିଶୋଧମୂଳକ ଶୁଳ୍କ ବୋର୍ବନ୍ ଠାରୁ ଆରମ୍ଭ କରି ମୋଟର ସାଇକେଲ୍ ପର୍ଯ୍ୟନ୍ତ ସବୁ କିଛି ଉପରେ ଲାଗୁ ହେବ । କାନାଡା ଗୁରୁବାରଠାରୁ ୨୦.୭ ବିଲିୟନ ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛି ।

# ହକ୍ ମାଗୁଛି ଆପ୍,କୁଆଡେ ଗଲା ବିଜେପିର ମାଗଣା ସିଲିଣ୍ଡର ପ୍ରତିଶ୍ରୁତି ?

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ବିଜେପି ଲୋକଙ୍କୁ ଠକିଛି, ବିଜେପି ଲୋକଙ୍କ ସହ ବିଶ୍ୱାସଘାତ କରିଛି । କଥା ଦେଇ କଥା ରଖୁନି ବିଜେପି ସରକାର । ଲୋକଙ୍କ ମିଛ କହି ଦିଲ୍ଲୀରେ ସରକାର ଗଢିଛି ବିଜେପି । ଜନସାଧାରଣଙ୍କୁ ଭୂଆଁ ବୁଲାଇ ବିଜେପି ସରକାର ଗଢିବା ପରେ ଏବେ ମାଆମାନଙ୍କୁ ଦେଇଥିବା କଥା ଭୁଲି ଯାଇଛି... ଏମିତି ଅଭିଯୋଗ ଆଣି ଦିଲ୍ଲୀରେ ପ୍ରତିବାଦ କରୁଛି ବିରୋଧୀ ଆମ୍ ଆଦମୀ ପାର୍ଟି । ହୋଲିରେ ମହିଳାଙ୍କୁ ମାଗଣା ସିଲିଣ୍ଡର ଦେବା ନେଇ ବିଜେପି ପ୍ରତିଶ୍ରୁତି ଦେଇଥିଲା । ନିର୍ବାଚନୀ ଇସ୍ତାହାରରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦେବା ନେଇ ମଧ ଘୋଷଣା କରିଥିଲା ବିଜେପି । ତାସହ ମାଆମାନଙ୍କ ପାଇଁ ମାଗଣା ସିଲିଣ୍ଡର ଗ୍ୟାସ ଦେବାକୁ କହିଥିଲା । ଆଉ ଏହି ଲୋଭନୀୟ ପ୍ରତିଶ୍ରୁତି ପରେ ଦିଲ୍ଲୀରେ ବିଜେପି ସରକାର ଆସିଥିଲା ମାତ୍ର ସରକାଗଢିବା ପରେ ପ୍ରତିଶ୍ରୁତି ପାଶୋରି ଦେଇଛି ବିଜେପି । ତେଣୁ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ



କରୁଛି ଆମ୍ ଆଦମୀ ପାର୍ଟି । ଦିଲ୍ଲୀର ପ୍ରାୟ ୪୦ଟି ସ୍ଥାନରେ ଆପ୍ ପକ୍ଷରୁ ବିରଓଧ ଜାରି ରହିଛି । ଗତକାଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଟାର୍ଗେଟ୍ କରିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଶାନା କରିଥିଲେ ଦିଲ୍ଲୀ ବିଧାନସଭାର ବିରୋଧୀ ଦଳ ନେତା ଆତିଶୀ । ବିଜେପି ଦେଇଥିବା କଥା ରଖି ପାରୁନି, ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ବିଜେପି । ଦିଲ୍ଲୀବାସୀଙ୍କୁ ମୋଦୀ ଏବଂ ବିଜେପି ପୁଳାପୁଳା ପ୍ରତିଶ୍ରୁତି ଦେଇଥିଲା । ହେଲେ ସେସବୁ କୁଆଡେ ଗଲା ? ଦିଲ୍ଲୀ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା କୁଆଡେ ଗଲା, ଏହା କେବଳ ଜୁମଲା ଥିଲା ବୋଲି କହିଥିଲେ ଆତିଶୀ । ତାସହ ହୋଲି ପୂର୍ବରୁ ଦିଲ୍ଲୀର ମହିଳାଙ୍କୁ ମାଗଣା ଗ୍ୟାସ୍ କଥା କୁଆଡେ ଗଲା । ଆଉ ୨ ଦିନ ପରେ ହୋଲି, ହେଲେ ଏଯାଏଁ ମହିଳାଙ୍କୁ ମାଗଣା ଗ୍ୟାସ୍ ସିଲିଣ୍ଡର ମିଳିନି ।

# ପୁଣି ବାଂଲାଦେଶ ପ୍ରଧାନମନ୍ତ୍ରୀ ଭାବେ ଫେରିବେ ଶେଖ୍ ହସିନା !

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରଧାନମନ୍ତ୍ରୀ ଭାବରେ ତାଙ୍କ ଦେଶକୁ ଫେରିବାକୁ ଯାଉଛନ୍ତି । ଏନେଇ ତାଙ୍କର ଘନିଷ୍ଠ ସହଯୋଗୀ ଏବଂ ଯୁକ୍ତରାଷ୍ଟ୍ର ଆୱାମୀ ଲିଗର ଉପାଧକ୍ଷ ରାବି ଆଲାମ ଦାବି କରିଛନ୍ତି । ଏକ ସାକ୍ଷାତକାରରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ ମଧ ସେ କହିଛନ୍ତି ଯେ 'ହାସିନା ଯେଉଁଠାରୁ ଆସିଥିଲେ ସେଠାକୁ ଫେରିଯିବେ' । ଶେଖ ହାସିନାଙ୍କ ଘନିଷ୍ଠ ସହଯୋଗୀ ରାବି ଆଲାମ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରି କହିଛନ୍ତି ଯେ, ବାଲାଂଦେଶ ଉପରେ ଆକ୍ରମଣ ହେଉଛି । ଅନ୍ତର୍ଜାତୀୟ



ସମୁଦାୟକୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ରାଜନୈତିକ ବିଦ୍ରୋହ ଠିକ ଅଛି, କିନ୍ତୁ ବାଂଲାଦେଶରେ ଏହା ହେଉନାହିଁ । ଏହା ଏକ ଆତଙ୍କବାଦୀ ବିଦ୍ରୋହ ବୋଲି ସେ କହିଛନ୍ତି । ଅନ୍ୟପଟେ, ରାବି ଆଲାମ ଭାରତ ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ, ଦେଶର ଅନେକ ନେତା ଭାରତରେ ଆଶ୍ରୟ ନେଇଛନ୍ତି । ଏହି ସୁବିଧା ଯୋଗାଇବା ପାଇଁ ଆମେ ଭାରତ ସରକାରଙ୍କ ପ୍ରତି ବହୁତ କୃତଜ୍ଞ । ଆମର ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ସୁରକ୍ଷିତ ଯାତ୍ରା ମାର୍ଗ ଯୋଗାଇ ଦେବା ପାଇଁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ ଧନ୍ୟବାଦ ଜଣାଉଛି । ଆମେ ଭାରତର ଲୋକଙ୍କ ପ୍ରତି କୃତଜ୍ଞ ।

# ନିତେଶ ରାଣେଙ୍କ ବିବାଦୀୟ ବୟାନ

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ଔରଙ୍ଗଜେବ ବିବାଦରେ ମହାରାଷ୍ଟ୍ରର ମନ୍ତ୍ରୀ ନିତେଶ ରାଣେ ପୁଣି ଥରେ ଏକ ବିବାଦୀୟ ବୟାନ ଦେଇଛନ୍ତି, ଯାହାକି ମହାରାଷ୍ଟ୍ର ରାଜନୀତିରେ ହଇଚଇ ସୃଷ୍ଟି କରିଛି । କୋଙ୍କଣରେ ଏକ ଜନସଭାକୁ ସମ୍ବୋଧିତ କରି ନିତେଶ ରାଣେ କହିଛନ୍ତି ଯେ ଔରଙ୍ଗଜେବଙ୍କ ସମାଧି ବା କବରକୁ ନେଇ ଆମର ସରକାରୀ ମୁଖ୍ୟଙ୍କର ମଧ ସମାନ ମାନସିକତା ଅଛି । ଆମେ ପ୍ରସ୍ତୁତ ହୋଇ ବସିଛୁ । ସମାଧି ହଟାଇବା ସମୟରେ ସାମ୍ବାଦିକ ମାନଙ୍କୁ କୁହାଯିବ ନାହିଁ । ନିତେଶ ରାଣେ କହିଛନ୍ତି, ଯେତେବେଳେ ଆମେ ଶିବାଜୀ ମହାରାଜଙ୍କ ଦୁର୍ଗରୁ ଜବରଦଖଲ ହଟାଇଥିଲୁ, ପ୍ରଥମେ ଜବରଦଖଲ ଭାଙ୍ଗିଥିଲୁ ଏବଂ ତା'ପରେ ବ୍ରେକିଂ ନ୍ୟୁଜ୍ ଦେଲୁ । ମୁଁ ହିନ୍ଦୁ ସମାଜକୁ ଆଶ୍ୱସ୍ତି ଦେବାକୁ ଚାହୁଁଛି ଯେ ଏଥିପାଇଁ (ଔରଙ୍ଗଜେବଙ୍କ ସମାଧି) ଏକ କାର୍ଯ୍ୟକ୍ରମ ହେବ, ଏହା ନିଶ୍ଚିତ ଭାବରେ ହେ.. ଯାହା ନିଷ୍ପତ୍ତି ନିଆଯାଇଛି... ତାହା ହେବ । ସରକାରଙ୍କ ପାଖରେ ୫ ବର୍ଷ ଅଛି । ଆମେ ଏବେ ପଡ଼ିଆକୁ ଆସିଛୁ, ଆମକୁ ଶତକ ମାରିବାକୁ ପଡିବ । ମନ୍ତ୍ରୀ ନିତେଶ ରାଣେ ଏକ ବିବାଦୀୟ ବୟାନ



ଦେଇ କହିଛନ୍ତି ଯେ, ମୁଁ ଶୁଣିଛି ଯେ ଔରଙ୍ଗଜେବଙ୍କ ସମାଧିର ସୁରକ୍ଷା ବୃଦ୍ଧି କରାଯାଇଛି । ସୁରକ୍ଷା ଯେତେ ବଢ଼ାଯିବ, ସେହି (ସମାଧି) କାର୍ଯ୍ୟକ୍ରମ ଆୟୋଜନ କରିବା ସେତେ ମଜାଦାର ହେବ। ସେ କହିଛନ୍ତି କି, ଆମର ସାମ୍ବାଦିକ ବନ୍ଧୁମାନେ ପଚାରନ୍ତି ଯେ ନିତେଶ ରାଣେ ଜୀ କେବେ କବରରୁ ବାହାରିବେ? ଏହାକୁ ବାହାର କରିବା ସମୟରେ ଆମେ ତୁମକୁ କହିବୁ ନାହିଁ... ଏହାର କ'ଣ କୌଣସି ପିଲାର ଜନ୍ମଦିନ କି ? ଆମେ କ'ଣ ତୁମକୁ ଏହାର ନାମକରଣ ପାଇଁ ଡାକିବୁ କି ?ସେ ଆହୁରି କହିଛନ୍ତି ଯେ ଯେତେବେଳେ ଆମେ (ଶିବାଜୀ ମହାରାଜଙ୍କ) ଦୁର୍ଗରୁ ଜବରଦଖଲ ହଟାଇଥିଲୁ, ଆମେ କ'ଣ ସାମ୍ବାଦିକ ମାନଙ୍କୁ ସକାଳ ୫ଟାରେ କ୍ୟାମେରା ଆଣିବାକୁ କହିଥିଲୁ ? ମୁଁ ତୁମକୁ କହି ନଥିଲି.. ପ୍ରଥମେ ମୁଁ ଏହାକୁ ବ୍ରେକିଂ କରିଥିଲି ଏବଂ ତାପରେ ତୁମକୁ ବ୍ରେକିଂ ନ୍ୟୁଜ୍ ଦେଇଥିଲି.. ଏହା ମନେ ରଖ । ସେଥିପାଇଁ ମୁଁ ହିନ୍ଦୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଉଛି ଯେ ସାମ୍ବାଦିକମାନେ ମୋ ବେକରେ ଯେତେ ବସି ମୋ ମୁହଁ ଆଗରେ ମାଇକ୍ ଲଗାନ୍ତୁ ନା କାହିଁକି, ମୁଁ ଏବେ ଏ ସମ୍ପର୍କରେ ଆପଣଙ୍କୁ ଅଧିକ ସୂଚନା ଦେବି ନାହିଁ । କିନ୍ତୁ ଯାହା ନିଷ୍ପତ୍ତି ନିଆଯାଇଛି ତାହା ହେବ ।

# ଯୁଦ୍ଧବିରତି ପାଇଁ ପୁଟିନଙ୍କ ଦୁଇଟି ଦାବି

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ୩ବର୍ଷ ହେବ ଚାଲିଆସିଥିବା ଯୁଦ୍ଧରେ ବିରାମ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୋରଦାର ପ୍ରୟାସ କରୁଛନ୍ତି ।



ଉଭୟ ୟୁକ୍ରେନ୍ ଓ ଋଷ ରାଷ୍ଟ୍ରପତିଙ୍କୁ ଆଲୋଚନା କରି ଯୁଦ୍ଧ ବନ୍ଦ କରିବା ପାଇଁ ବାରମ୍ବାର ବୁଝାଇଆସିଛନ୍ତି ଟ୍ରମ୍ପ । ଏହାରି ଭିତରେ ଯୁଦ୍ଧ ବନ୍ଦ ପାଇଁ ପ୍ରସ୍ତୁତ ହୋଇଥିଲା ଏକ ଚୁକ୍ତି ପତ୍ର । କିନ୍ତୁ ଏଥିରେ ପୁଣି କେଁ ପୁରାଇଛନ୍ତି ଋଷ ରାଷ୍ଟ୍ରପତି ପୁଟିନ୍ । ରିପୋର୍ଟ ଆଧାରରେ, ୟୁକ୍ରେନ ସହ ଯୁଦ୍ଧ ବନ୍ଦ କରିବା ଚୁକ୍ତିକୁ ସହମତି ଦେବା ପୂର୍ବରୁ ଦୁଇଟି ସର୍ତ୍ତ ରଖିଛନ୍ତି ପୁଟିନ୍ । ସେ ରଖିଥିବା ପ୍ରଥମ ସର୍ତ୍ତ ହେଉଛି, ୟୁକ୍ରେନକୁ ନାଟୋ ସଦସ୍ୟତା ଦିଆଯିବ ନାହିଁ । ଦ୍ୱିତୀୟ ସର୍ତ୍ତ ରହିଛି, ଋଷ ଦଖଲ କରିଥିବା କ୍ରିମିଆ ଏବଂ ୟୁକ୍ରେନର ଅନ୍ୟ ୪ଟି ଅଞ୍ଚଳକୁ ଅନ୍ତର୍ଜାତୀୟ ସ୍ୱୀକୃତି ଦେବା । ପୂର୍ବରୁ ବି ଏହି ଦାବି ଦୋହରାଇ ଆସିଛନ୍ତି ପୁଟିନ୍ । ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି, ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ଏବେ କଣ କରିବେ ? ଅନେକ ଚାପ ଭିତରେ ଜେଲେନସ୍କି ଯୁଦ୍ଧବିରତି ସପକ୍ଷରେ ଅଛନ୍ତି, କିନ୍ତୁ ପୁଟିନଙ୍କ ଜିଦ୍ ବଡ ସମସ୍ୟା ସୃଷ୍ଟି କରିଛି ।

# 'ତେଜସ୍ୱୀଙ୍କ ଗେମ୍ ଓଭର'

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ଯେତିକି ପାଖେଉଛି, ନେତା ନେତାଙ୍କ ମଧ୍ୟରେ ବାକ୍ ଯୁଦ୍ଧ ବିହାର ରାଜନୀତିକୁ ସେତିକି ଗରମ କରୁଛି । ଗତ କିଛି ଦିନ ତଳେ ବିଜେପି ବିଧାୟକ ହରିଭୂଷଣ ଠାକୁର ମୁସଲମାନ ସମ୍ପ୍ରଦାୟ ଉପରେ ବିବାଦୀୟ ବୟାନ ଦେଇ ରାଜନୈତିକ ମାହୋଲକୁ ସରଗରମ କରିଥିବା ବେଳେ ଏବେ ବିଜେପି ନେତା ମିଥଲେଶ ତିୱାରୀଙ୍କ ବୟାନ ସାମ୍ନାକୁ ଆସିଛି । ଗତ କିଛି ଦିନ ତଳେ ବିଧାୟକ ହରିଭୂଷଣ ଠାକୁର୍ କହିଥିଲେ, ଏଥର ହୋଲିରେ ମୁସଲମାନ ଭାଇମାନେ ଘରୁ ନବାହାରି, ଘର ଭିତରେ ହିଁ ହୋଲି ଖେଳନ୍ତୁ... ଘର ଭିତରେ ଉତ୍ସବ ମନାନ୍ତୁ... ଯଦି ଘରୁ ପଦାକୁ ବାହାରୁଛନ୍ତି ତେବେ ହୃଦୟ ବଡ କରି ବାହାରନ୍ତୁ... କାହିଁକିନା ଯଦି ତାଙ୍କ ଦେହରେ ରଙ୍ଗ ଲାଗେ ତେବେ ସେମାନଙ୍କୁ ଖରାପ ନଲାଗିବା ଦରକାର । ବିହାରର ବିଜେପି ବିଧାୟକ ହରିଭୂଷଣ ଠାକୁରଙ୍କ ଏପରି ବିବାଦୀୟ ବୟାନ ପରେ ତେଜି ଉଠିଥିଲେ ତେଜସ୍ୱୀ ଯାଦବ । ବିହାରରେ କାହା ବାପା ରାଜ୍ ଚାଲିନି କରି ସିଧା ସିଧା ବିଜେପିକୁ ଟାର୍ଗେଟ୍ କରିଥିଲେ । ଏହି ଘଟଣାକୁ କିଛି ଦିନ



ବିତିନଥିବା ବେଳେ ଏଥର ବିହାରରେ ତେଜସ୍ୱୀଙ୍କ ଗେମ୍ ଓଭର ବୋଲି କହି ବାକ୍ ଯୁଦ୍ଧ ନିଆଁରେ ଆଉଟିକେ ଘିଅ ଢାଳିଛନ୍ତି ବିଜେପି ନେତା ମିଥଲେଶ ତିୱାରୀ । ସେ କହିଛନ୍ତି, ଏଥର ହୋଲିରେ ବିହାର, ମୋଦୀ ଏବଂ ନୀତିଶଙ୍କ ରଙ୍ଗରେ ରଙ୍ଗିନ ହେବାକୁ ଯାଉଛି । ବିହାରରେ ଏନଡିଏ ବ୍ୟତୀତ ଅନ୍ୟ କୌଣସି ରଙ୍ଗ ପ୍ରଭାବଶାଳୀ ହେବ ନାହିଁ । ବିହାରରେ ତେଜସ୍ୱୀ ଯାଦବଙ୍କ ଖେଳ ଶେଷ ହେବାକୁ ଯାଉଛି । ବକ୍ସରରେ ଆୟୋଜିତ ହୋଲି ମିଳନ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ମିଥିଲେଶ ତିୱାରୀ ପହଞ୍ଚିଥିଲେ । ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି, ଏହା ପୂର୍ବରୁ ହୋଲି ପର୍ବ ରାଜନୈତିକ କରିଡରରେ ଏକ ଭିନ୍ନ ରଙ୍ଗ ଯୋଡୁଛି । ଅନ୍ୟପକ୍ଷରେ, ଜୁମା ନମାଜ୍ ସମ୍ପର୍କରେ ମିଥିଲେଶ ତିୱାରୀ କହିଛନ୍ତି, ହୋଲି ବର୍ଷକୁ ଥରେ ଆସେ କିନ୍ତୁ ପ୍ରତି ସପ୍ତାହରେ ନମାଜ ପାଠ କରାଯାଏ । ତେଣୁ କୌଣସି ସମସ୍ୟା ହେବା ଉଚିତ ନୁହେଁ । ହିନ୍ଦୁମାନଙ୍କ ଉପରେ ସବୁବେଳେ ଅତ୍ୟାଚାର ହୋଇଆସିଛି । ହିନ୍ଦୁମାନେ କେବେ ଅତ୍ୟାଚାର କରିନାହାଁନ୍ତି ।

### ଡିଜିଟାଲ ଆରେଷ୍ଟ ମାମଲା

# ୮୩,୬୬୮ ହ୍ୱାଟ୍ସଆପ୍ ଆକାଉଣ୍ଟ ବ୍ଲକ୍

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର(ଆଇ୪ସି) ଡିଜିଟାଲ ଆରେଷ୍ଟ ମାମଲାରେ ସମ୍ପୃକ୍ତ ଥିବା ୩,୯୬୨ରୁ ଅଧିକ ସ୍କାଇପ୍ ଆଇଡି ଏବଂ ୮୩,୬୬୮ ହ୍ୱାଟ୍ସ ଆପ୍ ଆକାଉଣ୍ଟକୁ ଚିହ୍ନଟ କରି ସେଗୁଡ଼ିକୁ ବ୍ଲକ୍ କରିଛି । ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟସଭାରେ ସୂଚନା ଦିଆଯାଇଛି । ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ଡିଏମ୍କେ ସାଂସଦ ତିରୁଚି ଶିବାଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖି କହିଥିଲେ, ସାଇବର ଅପରାଧୀମାନେ ଇଡି, ସିବିଆଇ ଭଳି ଏଜେନ୍ସିର ନକଲି ଅଧିକାରୀ ହୋଇ ଏହି ଆକାଉଣ୍ଟର ବ୍ୟବହାର କରୁଥିଲେ । ଏହାଦ୍ୱାରା ସେମାନେ ଲୋକଙ୍କୁ ଠକୁଥିଲେ । ଏହା ବ୍ୟତୀତ ୨୦୨୫ ଫେବୃଆରୀ ୨୮ ସୁଦ୍ଧା ୭ ଲକ୍ଷ ୮୧ ହଜାରରୁ ଅଧିକ ସିମ୍ କାର୍ଡ ଏବଂ ୨ ଲକ୍ଷ ୮ ହଜାରରୁ ଊର୍ଦ୍ଧ୍ୱ ଆଇଏମ୍ଇଆଇ ନମ୍ବର ମଧ ବ୍ଲକ୍ କରାଯାଇଛି । ୧୩ ଲକ୍ଷ ୩୬ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ ଆଧାରରେ ୪,୩୮୬ କୋଟି ଟଙ୍କାରୁ ଅଧିକ କ୍ଷତିକୁ ରୋକା ଯାଇପାରିଛି । ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ଆହୁରି କହିଥିଲେ ଯେ, କେନ୍ଦ୍ର ସରକାର ଏବଂ ଟେଲିକମ୍ ସର୍ଭିସ୍ ପ୍ରୋଭାଇଡର (ଟିଏସ୍ପି) ଇଣ୍ଟରନ୍ୟାସନାଲ ସ୍ପୁଫ୍ କଲ୍ ବା ଠକେଇ ପାଇଁ ବାହାରୁ ଆସୁଥିବା ଫୋନ୍ କଲ୍କୁ ଚିହ୍ନଟ କରିବା ଓ ସେଗୁଡ଼ିକୁ ବ୍ଲକ୍ କରିବା ଲାଗି ଏକ ସିଷ୍ଟମ ପ୍ରସ୍ତୁତ କରିଛନ୍ତି । ଏପରି ଫୋନ୍ କଲ୍ ଆସିଲେ ତାହା ମୋବାଇଲ ଡିସ୍ପ୍ଲେରେ ତାହା ଭାରତର ନମ୍ବର ବୋଲି ଦେଖାଇଥାଏ । କିନ୍ତୁ ତାହା ବାସ୍ତବରେ ବିଦେଶରୁ ଆସିଥାଏ । ଏପରି କଲ୍କୁ ବ୍ଲକ୍ କରିବା ଲାଗି ଟିଏସ୍ପିକୁ ନିର୍ଦ୍ଦେଶ ଦିଆଯାଇଛି । ଏହାବାଦ୍ ସାଇବର ଅପରାଧର ଅଭିଯୋଗ ପାଇଁ ଏକ ଟୋଲ୍ ଫ୍ରି ନମ୍ବର ୧୯୩୦ ଚାଲୁ କରାଯାଇଛି । ଲୋକଙ୍କ ମଧ୍ୟରେ ସଚେତନତା ବାଢ଼ିବା ଲାଗି ଆଞ୍ଚଳିକ ଭାଷାରେ ସଚେତନ ବାର୍ତ୍ତା ଥିବା କଲର ଟ୍ୟୁନ୍ ପ୍ରସାରିତ କରାଯାଉଛି ବୋଲି ମନ୍ତ୍ରୀ ସଞ୍ଜୟ କହିଛନ୍ତି ।

# ସାମସଙ୍ଗ ଦ୍ୱାରା ଗାଲାକ୍ସି ଏଫ୧୬ ୫ଜିର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୬।୩ :** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଗାଲାକ୍ସି ଏଫ୧୬ ୫ଜିର ଶୁଭାରମ୍ଭର ଘୋଷଣା ସହିତ ଏହାର ଲୋକପ୍ରିୟ ଗାଲାକ୍ସି ଏଫ ଶୃଙ୍ଖଳ ପୋର୍ଟଫୋଲିଓର ବିସ୍ତାର କରିଛି। ଗାଲାକ୍ସି ଏଫ୧୬ ୫ଜି ଗାଲାକ୍ସି ଏଫ ଶୃଙ୍ଖଳର ଉତରାଧିକାରୀତାକୁ ଜାରି ରଖି ଅନେକ ଗୁଡ଼ିଏ କୌତୁହଳିଆ ତଥା ସେଗମେଂଟର ଅଗ୍ରଣୀ ବୈଶିଷ୍ଟ୍ୟ ଗୁଡ଼ିକୁ ଆଣିପାରିଛି ଯେପରିକି, ଏକ ମଜବୁତ ଏସ ଆମୋଲେଡ଼ ଡ଼ିସପ୍ଲେ, ୫୦ଏମପି ଟ୍ରିପଲ କ୍ୟାମେରା, ଷଷ୍ଠ ପିଢ଼ୀ ଆଣ୍ଡ୍ରୋଏଡ଼ ଅପଗ୍ରେଡ଼ର ପ୍ରତିଜ୍ଞା ସହିତ ୬ ବର୍ଷର ସୁରକ୍ଷା ଅପଡ଼େଟ ଇତ୍ୟାଦି। "ଗାଲାକ୍ସି ଏଫ୧୬ ୫ଜିର ଏହି ଶୁଭାରମ୍ଭ ଅର୍ଥପୂର୍ଣ୍ଣ ନବୀକରଣ, ବ୍ୟବହାରକାରୀମାନଙ୍କୁ ସଶକ୍ତ କରିବା ସହିତ ସେମାନଙ୍କୁ ପୂର୍ଣ୍ଣ ସାମର୍ଥ୍ୟତାରେ ପହଂଚାଇବା ପାଇଁ ରହିଥିବା ଆମର ବଚ୍ନ ବଦ୍ଧତାକୁ ପୁନଃ-ପ୍ରତିଷ୍ଠିତ କରିପାରିଛି। ଜେନ ଜେଡ଼ର ଦ୍ରୁତ-ବୃଦ୍ଧିପ୍ରାପ୍ତ ଜୀବନଶୈଳୀ ନିମନ୍ତେ ତଥା ବାଧାହୀନ ଦକ୍ଷତାର ମାଦକତା, ଦୀର୍ଘସ୍ଥାୟୀ ତଥା ଅସାଧାରଣ ମଜାଦାର ବ୍ୟବହାରକାରୀ ଅଭିଜ୍ଞତା ନିମନ୍ତେ ଗାଲାକ୍ସି ଏଫ୧୬ ୫ଜିକୁ ଭରପୁର ଜ୍ଞାନକୌଶଳ ନିମନ୍ତେ ପ୍ରସ୍ତୁତ କରାଯାଇଛି" ମତବ୍ୟକ୍ତ କରି କହିଛନ୍ତି, ଅକ୍ଷୟ ଏସ ରାଓ, ନିର୍ଦ୍ଦେଶକ, ଏମଏକ୍ସ ବିଜିନେସ, ସାମସଙ୍ଗ ଇଣ୍ଡିଆ। ବୃଦ୍ଧିପ୍ରାପ୍ତ ସତେଜତାର ନୂତନ ଡ଼ିଜାଇନ ସହିତ ରିପଲଗ୍ଲୋ ଫିନିସ୍ ତଥା ମାତ୍ର ୭.୯ ମିମି ପତଳା ଗଠନକୁ ନେଇ ଉଭୟ ଷ୍ଟାଇଲ ଏବଂ ଆରାମଦାୟକତାର ଯୁଗଳବନ୍ଦୀ ସହିତ ଗାଲାକ୍ସି ଏଫ୧୬ ୫ଜିର କଳାକୃତି ପ୍ରକାଶିତ ହୋଇଅଛି। ଗାଲାକ୍ସି ଏଫ୧୬ ୫ଜିର ବୈଶିଷ୍ଟ୍ୟ ଗୁଡ଼ିକ ମଧ୍ୟରେ ରହିଛି ସେଗମେଂଟର ଅଗ୍ରଣୀ ୬.୭ ଇଂଚ ଏଫଏଚ୍ଡ଼ି ଯୁକ୍ତ ଏସ ଆମୋଲଫେଡ଼ ଡ଼ିସପ୍ଲେ, ଯାହାକି ମୁଗ୍ଧକାରୀ ଦୃଶ୍ୟମାନତା ସହିତ ଆକର୍ଷଣୀୟ ରଙ୍ଗ ଏବଂ ଗଭୀର ଅସମତାକୁ ମଧ୍ୟ ପ୍ରଦାନ କରୁଅଛି। ଏକ ଷ୍ଟାଇଲିଷ୍ଟ, ଲିନିୟର-ଗୋଷ୍ଠୀର କ୍ୟାମେରା ଡ଼ିଜାଇନର ବିଶେଷତ୍ୱକୁ ନେଇ, ଗାଲାକ୍ସି ଏଫ୧୬ ୫ଜିରେ ରହିଛି ସେଗମେଂଟ ଅଗ୍ରଣୀ ୫୦ଏମପି ଟ୍ରିପଲ-କ୍ୟାମେରା ବ୍ୟବସ୍ଥିତତା ଯାହାକି ବ୍ୟବହାରକାରୀ ମାନଙ୍କୁ ମନମୁଗ୍ଧକାରୀ ଫଟୋ ତଥା ଭିଡ଼ିଓ ଉତୋଳନରେ ସାହାଯ୍ୟ କରିଥାଏ। ଏକ ଆକର୍ଷଣୀୟ ସେଲଫି ଉତୋଳନ ପାଇଁ ଗାଲାକ୍ସି ଏଫ୧୬ ୫ଜିରେ ରହିଛି ବୈଶିଷ୍ଟ୍ୟ ଭରା ୧୩ଏମପି ସମ୍ମୁଖ ଭାଗ କ୍ୟାମେରା। ମେଡ଼ିଆଟେକ୍ ୬୩୦୦ ଡ଼ାଇମେନସିଟି ପ୍ରୋସେସର କ୍ଷମତାଯୁକ୍ତ, ଗାଲାକ୍ସି ଏଫ୧୬ ୫ଜି ଅତି ସୁନ୍ଦର ବିବିଧ କାର୍ଯ୍ୟସାଧନକାରୀ ତଥା ବାଧାମୁକ୍ତ ଗେମିଙ୍ଗ ପ୍ରଣାଳୀକୁ ସୁନିଶ୍ଚିତ କରିଥାଏ। ୫୦୦୦ ଏମଏଏଚ୍ର ଶକ୍ତିଶାଳୀ ବ୍ୟାଟେରୀ ସହିତ ୨୫ୱାଟର ଦ୍ରୁତ ଚାର୍ଜ କ୍ଷମତା ଯାହାକି ବ୍ୟବହାରକାରୀମାନଙ୍କୁ ଦିନସାରାର ବ୍ୟାଟେରୀ ଚାର୍ଜ ପ୍ରଦାନ କରିଥାଏ ଏଭଳି ଏକ ବିଶେଷତ୍ୱକୁ ନେଇ ଗାଲାକ୍ସି ଏଫ୧୬ ୫ଜି ଆସିଅଛି। ଶିଳ୍ପ ଜଗତରେ ଏକ ନୂତନ କୀର୍ତିସ୍ତମ୍ଭ ସ୍ଥାପନ ସହିତ ଗାଲାକ୍ସି ଏଫ୧୬ ୫ଜି ସେଗମେଂଟର ସବୁଠାରୁ ଉତ୍କୃଷ୍ଟ ଷଷ୍ଠ ପିଢ଼ୀର ଆଣ୍ଡ୍ରଏଡ଼ ଅପଗ୍ରେଡ଼ ତଥା ୬ ବର୍ଷର ସୁରକ୍ଷିତ ଅପଡ଼େଟ ପ୍ରଦାନ କରିବା ସହିତ, ଏକ ଭବିଷ୍ୟତ-ପ୍ରସ୍ତୁତକାରୀ ଅଭିଜ୍ଞତାକୁ ସୁନିଶ୍ଚିତ କରିପାରିଛି।

# ଦିଲ୍ଲୀରେ ରେକର୍ଡ ଭାଙ୍ଗୁଛି ଗରମ

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ଦିଲ୍ଲୀରେ ରେକର୍ଡ ଭାଙ୍ଗୁଛି ଗରମ । ଏପର୍ଯ୍ୟନ୍ତ ରେକର୍ଡ କରାଯାଇଥିବା ତାପମାତ୍ରା ୩୩ ଡିଗ୍ରୀ ପାର ହୋଇଛି । ଗତକାଲି ତାପମାତ୍ରା ସର୍ବାଧିକ ରେକର୍ଡ କରାଯାଇଥିଲା । ପାଣିପାଗ ବିଭାଗ କହିବାନୁଯାୟୀ, ଆଜିଠୁ ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ଦିଲ୍ଲୀରେ ହାଲକା ବର୍ଷା ହେବାର ଆଶଙ୍କା କରାଯାଉଛି । ଆଜିର ତାପମାତ୍ରା ୩୨-୩୫ ଡିଗ୍ରୀ ରହିବାର ସମ୍ଭାବନା ରହିଛି । ୧୫ ମାର୍ଚ୍ଚରୁ ତାପମାତ୍ରାରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଏପଟେ ଗରମ ଅସହ୍ୟ ହେବା ଯୋଗୁ ଦିଲ୍ଲୀବାସୀ କଲବଲ ହେଉଛନ୍ତି । ମାର୍ଚ୍ଚ ଆରମ୍ଭରୁ ମୁଣ୍ଡଫଟା ଖରା ଏବଂ ଗରମ ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଛି । ଖାଲି ଦିଲ୍ଲୀ ନୁହେଁ ଓଡିଶାରେ ବି ଗରମ ଦେଖା ଦେଲାଣି । ଚଳିତ ବର୍ଷ ୨୦୨୫ ମସିହାରେ ପ୍ରଥମ ଥର ପାଇଁ ଓଡ଼ିଶାର ତାପମାତ୍ରା ୪୦ ଡିଗ୍ରି ସେଲସିୟସ୍ ଅତିକ୍ରମ କରିଛି । ବୌଦ୍ଧର ତାପମାତ୍ରା ୪୦.୫ ଡିଗ୍ରି ସେଲସିୟସ୍ ଛୁଇଁଥିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି ।



ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଲିଗ୍ ଟାଇଟଲ୍

# ୱେଷ୍ଟଇଣ୍ଡିଜକୁ ହରାଇ ଭାରତ ଚାମ୍ପିଅନ୍




ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫି ପରେ ପୁଣି ଥରେ ଚାମ୍ପିଅନ ହୋଇଛି ଭାରତ ଭାରତ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଲିଗ୍ ୨୦୨୫ର ଟ୍ରଫି ନିଜ ନାଁରେ କରିଛି ଦଳ ଇଣ୍ଡିଆ। ମାଷ୍ଟର୍ସ ୱେଷ୍ଟଇଣ୍ଡିଜ ମାଷ୍ଟର୍ସକୁ ୬ ୱିକେଟ୍‌ରେ ହରାଇ ଟାଇଟଲ୍ ଜିତିଛି। ଛତିଶଗଡ଼ର ରାଜଧାନୀ ରାୟପୁରରେ ଖେଳା ଯାଇଥିବା ଫାଇନାଲ୍‌ରେ ଓ୍ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ଲେଣ୍ଡଲ ସିମନ୍ସଙ୍କ ୫୭ ରନ ଓ ଡ୍ୱେନ ସ୍ମିଥଙ୍କ ୪୫ ରନ ବଳରେ ୭ ୱିକେଟ୍ ହରାଇ ୧୪୮ ରନ କରିଥିଲା। ଜବାବରେ ଅମ୍ବତି ରାୟୁଡୁଙ୍କ ୭୪ ରନର ଦମଦାର ଇନିଂସ ବଳରେ ଭାରତ ୧୭.୧ ଓଭରରେ ୪ ୱିକେଟ୍ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ପାଇଁ ଓପନିଂ ବ୍ୟାଟର ଡ୍ୱେନ ସ୍ମିଥ ୪୫ ରନର ଇନିଂସ ଖେଳିଥିଲେ। ମାତ୍ର ବ୍ରାଏନ ଲାରା ଓ ୱିଲିୟମ୍ସ ପାର୍କିସନ ୬-୬ନ ରନ କରି ପାଭିଲିୟନ ଫେରିଥିଲେ। ଶାହବାଜ ନଦୀମ ଘାତକ ବୋଲିଂ କରି ୪ ଓଭରରେ ମାତ୍ର ୧୨ ରନ ଦେଇ ୨ଟି ୱିକେଟ୍ ନେଇଥିଲେ। ଲେଣ୍ଡଲ ସିମନ୍ସ ୫୭ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୧୪୮ ରନରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ ନଦୀମଙ୍କ ବ୍ୟତୀତ ବିନୟ କୁମାର ୩ଟି ସଫଳତା ପାଇଥିଲେ। ଜବାବରେ ଭାରତ ପକ୍ଷରୁ ଅମ୍ବତି ରାୟୁଡୁ ଦମଦାର ଫର୍ମରେ ନଜର ଆସିଥିଲେ। ରାୟୁଡୁ ଓ ସଚିନ ମିଶି ପ୍ରଥମ ୱିକେଟ୍‌ରେ ୬୭ ରନ ଯୋଡ଼ି ଭାରତ ବିଜୟରେ ମୂଳଦୁଆ ପକାଇଥିଲେ। ସଚିନ ୧୮ ବଲରୁ ୨ ଚୌକା, ୧ ଛକା ବଳରେ ୨୫ ରନ କରି ଆଉଟ୍ ହୋଇଥିଲେ। ଗୁରକିରତ ସିଂ ମାନ ୧୪ ରନ କରି ପାଭିଲିୟନ ଫେରିଥିଲେ ରାୟୁଡୁ। ଅନ୍ୟପଟେ କ୍ରିଜରେ ଜମି ରହି ୫୦ ବଲରୁ ୭୪ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଏଥିରେ ୯ ଚୌକା ଓ ୩ ଛକା ସାମିଲ ଶେଷରେ ଷ୍ଟୁଆର୍ଟ ବିନ୍ନି ୯ ବଲ୍‌ରେ ୧୬ ରନ କରିଥିଲେ।

# ପାକିସ୍ତାନ ବିପକ୍ଷରେ ଭାରତୀୟ କ୍ରିକେଟର ପ୍ରାଧାନ୍ୟକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୧୬।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେକ୍ସ ଫ୍ରିଡମ୍ୟାନ ପଡକାଷ୍ଟରେ କ୍ରିକେଟ ଫିଲ୍ଡରେ ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ତୀବ୍ରତା ସମ୍ପର୍କରେ ନିଜ ମତାମତ ରଖିଛନ୍ତି। ଏଥିରେ ସେ କହିଛନ୍ତି ଖେଳୁଆଡ଼ ମନୋଭାବ ବିଭିନ୍ନ ଦେଶର ଲୋକଙ୍କୁ ଏକତ୍ରିତ କରେ। ଏଥିଯୋଗୁ କ୍ରୀଡ଼ାର ଶ୍ରେୟକୁ ଛଡ଼ାଇ ନେବାକୁ ମୁଁ କଦାପି ଚାହେଁ ନାହିଁ ମୁଁ ବିଶ୍ୱାସ କରେ ଯେ, ମାନବ ବିକାଶରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କ୍ରୀଡ଼ା କେବଳ ଏକ ଖେଳ ନୁହେଁ, ଏହା ଲୋକଙ୍କୁ ଲୋକଙ୍କ ସହିତ ଯୋଡ଼େ।



କେଉଁ ଦଳ ଶ୍ରେଷ୍ଠ ବୋଲି ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଯେତେବେଳେ ଖେଳର ଟେକନିକ୍ କଥା ଉଠେ, ସେଥିରେ ମୁଁ ବିଶେଷଜ୍ଞ ନୁହେଁ ଯେଉଁମାନେ ଏଥିରେ ବିଶେଷଜ୍ଞ, ସେମାନେ ହିଁ କହିପାରିବେ ଯେ, କେଉଁ ଦଳ କିମ୍ବା କିଏ ଶ୍ରେଷ୍ଠ ଖେଳାଳି। କିନ୍ତୁ ବେଳେବେଳେ ପରିମାଣ ଏହା ପ୍ରକାଶ କରେ କିଛି ଦିନ ତଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ମ୍ୟାଚ ଖେଳାଯାଇଥିଲା ମ୍ୟାଚର ପରିମାଣରୁ କିଏ ଭଲ ଦଳ ଜଣାପଡ଼ିଥିଲା। ସେହିପରି ସର୍ବକାଳୀନ ଫୁଟବଲରଙ୍କ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ଉତ୍ତରରେ କହିଛନ୍ତି ଯେ, ଭାରତର ଅନେକ ଅଞ୍ଚଳରେ ଦୃଢ଼ ଫୁଟବଲ ପରମ୍ପରା ରହିଛି। ଆମର ମହିଳା ଫୁଟବଲ ଖୁବ ଭଲ ପ୍ରଦର୍ଶନ କରୁଛି। ଏବଂ ଆମ ପୁରୁଷ ଦଳର ଭଲ ଅଗ୍ରଗତି ହେଉଛି ଯଦି ଆମେ ଅତୀତ ସମ୍ପର୍କରେ କଥା ହେବା, ୧୯୮୦ ଦଶକରେ ଡିଏଗୋ ମାରାଡୋନାଙ୍କ ନାମ ଶୁଣିବାକୁ ମିଳୁଥିଲା ସେହି ପିଢ଼ି ଲାଗି ସେ ଅସଲ ହିରୋ ଥିଲେ। ଯଦି ବର୍ତ୍ତମାନ ପିଢ଼ିର ମହାନ ଫୁଟବଲରଙ୍କ ସମ୍ପର୍କରେ କଥା ହେବା, ତେବେ ସମସ୍ତେ ଲିଓନେଲ ମେସିଙ୍କ ନାମ ନେବେ।

# ଅଷ୍ଟ୍ରେଲିଆର ପୂର୍ବତନ ସ୍ପିନର କୋକେନ କାରବାରରେ ଦୋଷୀ ସାବ୍ୟସ୍ତ

ସିଡ୍‌ନୀ, ୧୬।୩: ଅଡୁଆରେ ଅଷ୍ଟ୍ରେଲିଆର ପୂର୍ବତନ ସ୍ପିନର ଷ୍ଟୁଆର୍ଟ ମ୍ୟାକଗିଲ କୋକେନ କାରବାରରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମ୍ୟାକଗିଲ ତେବେ ଆଶ୍ୱସ୍ତିକର କଥା ହେଉଛି, ବଡ଼ ପରିମାଣର ଡ୍ରଗ୍ସ କାରବାରରେ ସାମିଲ ନେଇ ତାଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ଅଷ୍ଟ୍ରେଲିଆ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଆଠ ସପ୍ତାହ ପରେ ତାଙ୍କୁ ଦଣ୍ଡିତ କରାଯିବ।

୫୪ ବର୍ଷୀୟ ପୂର୍ବତନ ଲେଗ୍ ସ୍ପିନରଙ୍କୁ ୨୦୨୧ ମସିହା ଏପ୍ରିଲ ମାସରେ ସିଡନୀ ଜିଲା କୋର୍ଟର ଖଣ୍ଡପୀଠ ୩୩୦୦୦୦ ଅଷ୍ଟ୍ରେଲୀୟ ଡଲାର ମୂଲ୍ୟର ଏକ କିଲୋ କୋକେନ୍ କାରବାରରେ ସମ୍ପୃକ୍ତି ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କିନ୍ତୁ ଡ୍ରଗ୍ସ ଯୋଗାଣରେ ସାମିଲ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

# ୧୦ ବର୍ଷ ପରେ ଗୋଟିଏ ଟିମ୍ ପାଇଁ ଖେଳିବାକୁ ଯାଉଛନ୍ତି ଟିମ ଇଣ୍ଡିଆର ୩ ଖେଳାଳି,

ନୂଆଦିଲ୍ଲୀ, ୧୬।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନ ଅର୍ଥାତ ୨୦୨୫ ମାର୍ଚ୍ଚ ୨୨ ରୁ ଆରମ୍ଭ ହେଉଛି। ଏଥର ମେଗା ନିଲାମ ପରେ, ସମସ୍ତ ୧୦ଟି ଦଳ ଏକ ଭିନ୍ନ ମନୋଭାବରେ ଦେଖାଯିବେ। ସେହି ସମୟରେ, ଅଧିକାଂଶ ଖେଳାଳିଙ୍କ ଦଳ ମଧ୍ୟ ପରିବର୍ତ୍ତନ ହୋଇଛି ଏବଂ ସେମାନେ ମାର୍ଚ୍ଚ ୨୨ରୁ ନୂଆ। ଜର୍ସିରେ ନଜର ଆସିବେ ମେଗା ନିଲାମ ୨୦୨୫ ୧୦ ବର୍ଷ ପରେ ଭାରତୀୟ କ୍ରିକେଟ ଦଳର ୩ ଜଣ କିମ୍ବଦନ୍ତୀଙ୍କୁ ଗୋଟିଏ ଦଳରେ ସାମିଲ କରିଛି। ଏହା ବିପକ୍ଷ ଦଳର ଅସୁବିଧା ବଢ଼ାଇ ଦେଇଛି।



ସିଏସକେ ପାଇଁ ଆଇପିଏଲ ୨୦୨୫ ବହୁତ ସ୍ୱତନ୍ତ୍ର ହେବାକୁ ଯାଉଛି କାରଣ ଭାରତୀୟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନି, ଆନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଥିବା ଆର ଅଶ୍ୱିନ ଏବଂ ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ୧୦ ବର୍ଷ ପରେ ପୁଣି ଥରେ ହଳଦିଆ। ଜର୍ସିରେ ଏକାଠି ନଜର ଆସିବେ ଏହି ତିନି ଜଣଙ୍କ ଏକାଠି ହେବା ସହିତ ଦଳର ଶକ୍ତି ବୃଦ୍ଧି ପାଇଛି ଏବଂ ପ୍ରଶଂସକଙ୍କ ଖୁସି ମଧ୍ୟ ବୃଦ୍ଧି ପାଇଛି। କାରଣ ଏହି ତିନିଜଣ ଅତୀତରେ ବହୁତ ଦିନ ଧରି ଦଳର ଅଂଶ ହୋଇଆସିଛନ୍ତି। ଧୋନି, ଜାଡେଜା ଏବଂ ଅଶ୍ୱିନଙ୍କୁ ରୁ ଅଲଗା କରିବାର କାରଣ ଥିଲା। ୨୦୧୫ ରେ ଦଳ ଉପରେ ଲଗାଯାଇଥିବା ପ୍ରତିବନ୍ଧକ ମ୍ୟାଚ ଫିକ୍ସିଂ ଅଭିଯୋଗ ଯୋଗୁଁ ସିଏସକେକୁ ୨୦୧୬ ଏବଂ ୨୦୧୭ର ନିଷେଧ କରାଯାଇଥିଲା। ଏହି ୨ ବର୍ଷ ମଧ୍ୟରେ, ଧୋନି ଏବଂ ଅଶ୍ୱିନ ରାଇଜିଂ ପୁଣେ ସୁପରଜିଆଣ୍ଟସର ଅଂଶ ଥିଲେ ଯେତେବେଳେ ଜାଡେଜା ଗୁଜରାଟ ଲାୟନ୍ସକୁ ଯାଇଥିଲେ।

ଏହି ଦୁଇଟି ଦଳକୁ କେବଳ ୨ ବର୍ଷ ପାଇଁ ସିଏସକେ ଏବଂ ଆର ଆର ବଦଳରେ ଆଇପିଏଲରେ ସାମିଲ କରାଯାଇଥିଲା। ବାସନ୍ଦ ହଟିବା ପରେ, ଧୋନି ଏବଂ ଜାଡେଜା ସିଏସକେକୁ ଫେରି ଆସିଥିଲେ କିନ୍ତୁ ଅଶ୍ୱିନ ପ୍ରଥମେ ପଞ୍ଜାବ, ପରେ ଦିଲ୍ଲୀ ଏବଂ ତାପରେ ୨୦୨୨ରୁ ୨୦୨୪ପର୍ଯ୍ୟନ୍ତ ଆରଆରର ଅଂଶ ଥିଲେ ଏବେ ୧୦ ବର୍ଷ ପରେ, ଏହି ତିନିଜଣଙ୍କୁ ହଳଦିଆ। ଜର୍ସିରେ ଏକାଠି ଖେଳିବାର ଦେଖିବାକୁ ମିଳିବ।

# ଶାମିଙ୍କ ପରେ ତାଙ୍କ ଝିଅଙ୍କୁ ଟାର୍ଗେଟ



କୋଲକାତା, ୧୬।୩: ସର୍ବଭାରତୀୟ ମୁସଲିମ ଜମାତ ସଭାପତି ମୌଲାନା ଶାହାବୁଦ୍ଦିନ ରଜଭି ଭାରତୀୟ ପେସର ମହମ୍ମଦ ଶାମିଙ୍କ ପରେ ତାଙ୍କ ଝିଅଙ୍କୁ ଟାର୍ଗେଟ କରିଛନ୍ତି। ଶାମିଙ୍କ ଝିଅ ହୋଲି ଖେଳିବାରୁ ମୌଲାନା ରଜଭି ତାହାକୁ ଅପରାଧ ଓ ଶାରିୟା ଆଇନ ବିରୋଧରେ ବୋଲି କହିଛନ୍ତି।

ସେ ଜଣେ ଛୋଟ ଝିଅ ଯଦି ସେ ନ ଜାଣି ହୋଲି ଖେଳିଛନ୍ତି, ତେବେ ତାହା ଅପରାଧ ନୁହେଁ। କିନ୍ତୁ ଯଦି ସେ ସବୁ କିଛି ବୁଝି ଏହା କରିଛନ୍ତି, ତେବେ ଏହାକୁ ଶାରିୟା ଆଇନ ବିରୋଧରେ ବୋଲି ଧରାଯିବ। ମୁଁ ଶାମି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅନୁରୋଧ କରୁଛି ଯେ, ଯାହା ଶାରିୟା ଆଇନରେ ନାହିଁ, ତାହା ଛୁଆଙ୍କୁ କରିବାକୁ ଦିଅ ନାହିଁ। ହୋଲି ହିନ୍ଦୁଙ୍କ ପାଇଁ ଏକ ବଡ଼ ପର୍ବ। କିନ୍ତୁ ମୁସଲମାନମାନେ ଏହାଠାରୁ ଦୂରେଇ ରହିବା ଉଚିତ।

ଯଦି କେହି ଶାରିୟା ଆଇନକୁ ଜାଣିବା ପରେ ହୋଲି ପାଳନ କରୁଛନ୍ତି, ତେବେ ତାହା ଅପରାଧ ବୋଲି ମୌଲାନା ରଜଭି ଏକ ଭିଡିଓରେ କହିଛନ୍ତି ଏତଦ୍ ବ୍ୟତୀତ ସେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ମୁଁ ଭାରତୀୟ ଦଳର ଅଧିନାୟକ, ସମସ୍ତ ଖେଳାଳି ଓ ମହମ୍ମଦ ଶାମିଙ୍କୁ ମୋ ହୃଦୟରୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଉଛି।

# ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଲିଗାଲ ନୋଟିସ ପଠାଇଲା ପାକିସ୍ତାନ

କରାଚୀ, ୧୬।୩: ଆଗାମୀ ପାକିସ୍ତାନ ସୁପର ଲିଗ (ପିଏସ୍‌ଏଲ୍)ରୁ ଓହରିଯାଇଥିବା ଦକ୍ଷିଣ ଆଫ୍ରିକାର ୩୦ ବର୍ଷୀୟ ଅଲରାଉଣ୍ଡର କର୍ବିନ ବୋଷ୍ଟଙ୍କୁ ଚୁକ୍ତି ଉଲ୍ଲଂଘନ କରିବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଲିଗାଲ ନୋଟିସ ଜାରି କରାଯାଇଛି। ଏହି ଅଲରାଉଣ୍ଡରଙ୍କୁ ଆଇପିଏଲ୍ ପାଇଁ ବଦଳ ଖେଳାଳି ଭାବେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ କରାଯାଇଛି। ଏଥିଯୋଗୁ ବୋଷ୍ଟ ପିଏସ୍‌ଏଲ୍‌ରୁ ଓହରିଯାଇଥିଲେ।



ଏହାପରେ କର୍ବିନଙ୍କ ଏଜେଣ୍ଟ ଜରିଆରେ ତାଙ୍କୁ ଲିଗାଲ ନୋଟିସ ଜାରି କରାଯାଇଛି। ଏହି ଖେଳାଳିଙ୍କୁ ତାଙ୍କ ବୃତ୍ତିଗତ ଓ ଚୁକ୍ତିଭିତ୍ତିକ ପ୍ରତିବଦ୍ଧତାରୁ ଓହରିବା ପଛର ଯଥାର୍ଥତା ପ୍ରକାଶ କରିବାକୁ କୁହାଯାଇଛି ବୋଲି ପିସିବି ପକ୍ଷରୁ ରବିବାର କୁହାଯାଇଛି। ପ୍ରକାଶଥାଉ କି, ଆଇପିଏଲ୍ ଆସନ୍ତା ୨୨ରୁ ମେ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ପିଏସ୍‌ଏଲ୍ ଏପ୍ରିଲ ୧୧ରୁ ମେ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ରୋହିତଙ୍କ ପାଇଁ କାଳ ନାରିନେ

ନୂଆଦିଲ୍ଲୀ, ୧୬।୩: ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୦୨୫ ମାର୍ଚ୍ଚ ୨୨ ରେ ଆରମ୍ଭ ହେବାକୁ ଯାଉଛି। ଗତ ୧୭ ସିଜିନରେ ଅନେକ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଛି। ଏଥିମଧ୍ୟରୁ କୋଲକାତା ନାଇଟ ରାଇଡର୍ସ (କେକେଆର୍) ସ୍ପିନର ସୁନୀଲ ନାରିନ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତତା ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଥାଏ। ନାରିନ୍ ଆଇପିଏଲ୍‌ରେ ରୋହିତଙ୍କୁ ୮ ଥର ଆଉଟ କରିଛନ୍ତି ଯାହା କୌଣସି ବୋଲରଙ୍କ ଦ୍ୱାରା ବ୍ୟାଟ୍ସମ୍ୟାନଙ୍କୁ ସର୍ବାଧିକଥର ଆଉଟ୍ କରିବାର ରେକର୍ଡ।



ରେକର୍ଡ ଦେଖିଲେ ନାରିନ୍‌ଙ୍କ ବିପକ୍ଷରେ ରୋହିତଙ୍କ ପ୍ରଦର୍ଶନ ବହୁତ ନିରାଶାଜନକ ରହିଛି ୨୧ ଇନିଂସରେ ରୋହିତ ତାଙ୍କ ବିପକ୍ଷରେ ମାତ୍ର ୧୪୧ ରନ କରିଛନ୍ତି, ଯାହା ୧୩୪ ବଲରୁ ଆସିଛି ଏଥିରେ ତାଙ୍କର ଷ୍ଟ୍ରାଇକ ରେଟ୍ ମାତ୍ର ୧୦୬.୭୧ ରହିଛି ନାରିନ୍ ରୋହିତଙ୍କୁ ୮ ଥର ଆଉଟ କରିଛନ୍ତି । ତାଙ୍କୁ କେବଳ ୨ ଛକା ଏବଂ ୧୬ ଚୌକା ମାରିବାକୁ ଦେଇଛନ୍ତି। ଏହି ସଂଖ୍ୟା ଆଇପିଏଲରେ ଯେକୌଣସି ବୋଲର-ବ୍ୟାଟ୍ସମ୍ୟାନ ଯୋଡ଼ି ପାଇଁ ସର୍ବାଧିକ।

ଆଶ୍ଚର୍ଯ୍ୟଜନକ କଥା ହେଉଛି, ରୋହିତଙ୍କ ୫ଥର ଆଉଟ୍ ମୁମ୍ବାଇ ଇଣ୍ଡିଆନ୍ସର ଘରୋଇ ପଡ଼ିଆ। ୱାଙ୍ଖେଡେ ଷ୍ଟାଡିୟମରେ ହୋଇଛି। ୱାଙ୍ଖେଡେରେ ନାରିନ୍‌ଙ୍କ ବିପକ୍ଷରେ ରୋହିତଙ୍କ ହାରାହାରି ୧୦.୪୦ ରହିଛି। ସେହି ସମୟରେ ନାରିନ୍ କେକେଆର୍‌ର ଘରୋଇ ପଡ଼ିଆ। ଇଡେନ ଗାର୍ଡେନ୍ସରେ ରୋହିତଙ୍କୁ କେବଳ ଥରେ ଆଉଟ କରିଛନ୍ତି।

ଯଦିଓ ରୋହିତ ଶର୍ମାଙ୍କୁ ସ୍ପିନରମାନଙ୍କ ବିପକ୍ଷରେ ଖେଳିବାରେ ବିଶେଷଜ୍ଞ ବୋଲି ବିବେଚନା କରାଯାଏ, ତଥାପି ଅନେକ ସ୍ପିନର ତାଙ୍କୁ ଆଇପିଏଲ୍‌ରେ ଅସୁବିଧାରେ ପକାଇଛନ୍ତି ବରିଷ୍ଠ ଲେଗ-ସ୍ପିନର ଅମିତ ମିଶ୍ରା ୧୭ ଇନିଂସରେ ରୋହିତଙ୍କୁ ୭ ଥର ଆଉଟ କରିଥିବା ବେଳେ ରଶିଦ ଖାନ ୭ ଇନିଂସରେ ୪ ଥର ତାଙ୍କୁ ପାଭିଲିୟନ ପଠାଇଛନ୍ତି।

ନାରିନ୍ ଆଇପିଏଲରେ ୧୭୭ ମ୍ୟାଚ୍ ଖେଳି ୧୮୦ ଉଇକେଟ ନେଇଛନ୍ତି, ଯେଉଁଥିରେ ତାଙ୍କର ଇକୋନୋମି ମାତ୍ର ୬.୭୩ ରହିଛି। ସେ ଆଇପିଏଲ୍‌ରେ ସର୍ବାଧିକ ଘରି ଉଇକେଟ (୮) ନେବାର ରେକର୍ଡ ମଧ୍ୟ ରଖିଛନ୍ତି। ଗତ ସିଜନରେ ସେ ୧୭ ଉଇକେଟ ନେଇଥିଲେ, ଯେଉଁଥିରେ ତାଙ୍କର ଇକୋନୋମି ୬.୬୯ ଥିଲା ସେହିପରି ରୋହିତ ଆଇପିଏଲ୍‌ରେ ୨୫୭ ମ୍ୟାଚ୍ ଖେଳି ୬,୬୨୮ ରନ୍ କରିଛନ୍ତି, ଯେଉଁଥିରେ ୪୩ଟି ଅର୍ଦ୍ଧଶତକ ଏବଂ ୨ଟି ଶତକ ଅନ୍ତର୍ଭୁକ୍ତ ୨୦୨୪ ସିଜିନରେ ସେ ୩୨.୦୮ ହାରରେ ଏବଂ ୧୫୦ ଷ୍ଟ୍ରାଇକ ରେଟ୍ ସହିତ ୪୧୭ ରନ କରିଥିଲେ।

# ଆଇପିଏଲ୍ : କୋଲକାତାରେ ବର୍ଷା ସହ ଝଡ଼ ତୋଫାନ ସମ୍ଭାବନା

ନୂଆଦିଲ୍ଲୀ, ୧୬।୩: ମାର୍ଚ୍ଚ ୨୨ ତାରିଖରେ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ୨୦୨୫ର ଉଦଘାଟନୀ ମ୍ୟାଚ୍ ଏହି ମ୍ୟାଚ୍‌ରେ ମୁହାଁମୁହିଁ ହେବେ।

ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ(କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଗୋଟିଏ ପଟେ ଆଜିଙ୍କ ରାହାଣେଙ୍କ ନେତୃତ୍ୱାଧୀନ କେକେଆରରେ ରିଙ୍କୁ ସିଂ ଓ ଆନ୍ଦ୍ରେ ରସେଲଙ୍କ ପରି ବିସ୍ଫୋରକ ବ୍ୟାଟର ଥିବା ବେଳେ ଅନ୍ୟପଟେ ଆରସିବିରେ ବିରାଟ କୋହଲି, ଫିଲ ସଲ୍ଟଙ୍କଠୁ ନେଇ ଭୁବନେଶ୍ବର କୁମାର ଓ ଜୋଶ ହେଜେଲଉଡଙ୍କ ପରି ତାରାକା କ୍ରିକେଟର ଅଛନ୍ତି। କିନ୍ତୁ କ୍ରିକେଟ୍ ପ୍ରେମୀଙ୍କ ପାଇଁ ନିରାଶଜନକ ଖବର କାରଣ ଉଦଘାଟନୀ ଦିନ କୋଲକାତାରେ ବର୍ଷା ହେବାର ସମ୍ଭାବନା ରହିଛି।



ଆକ୍ୟୁୱେଦର ଅନୁଯାୟୀ, ମାର୍ଚ୍ଚ ୨୨ରେ ୪୦ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି ପୂରା ଦିନ ଆକାଶ ମେଘାଚ୍ଛନ୍ନ ରହିବ କେବଳ ଏତିକି ନୁହେଁ ବର୍ଷା ହେବା ସହ ଝଡ଼ ତୋଫାନ ଓ ବିଜୁଳି ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ଭାରତୀୟ ସମୟ ଅନୁସାରେ ଆରସିବି ବନାମ କେକେଆର ମ୍ୟାଚ୍ ମାର୍ଚ୍ଚ ୨୨ ତାରିଖ ସନ୍ଧ୍ୟା ୭ଟା ୩୦ରେ ଖେଳାଯିବ ସନ୍ଧ୍ୟା ସମୟରେ ଆକାଶରେ ବାଦଲ ଛାଇ ରହିବା ସହ ତୀବ୍ର ଗତିରେ ପବନ ବହିପାରେ। ତେଣୁ ମ୍ୟାଚ୍ ବାତିଲ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। କୋଲକାତା ନାଇଟ୍ ରାଇଡର୍ସ ଆଇପିଏଲ୍ ୨୦୨୪ର ଫାଇନାଲ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୮ ୱିକେଟ୍‌ରେ ହରାଇ ମୋଟ୍ ତୃତୀୟ ଥର ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଟାଇଟଲ୍ ଜିତିଥିଲା।

ଅନ୍ୟପଟେ ବେଙ୍ଗାଲୁରୁ ସିଜିନର ପ୍ରଥମ ହାଫ ବହୁତ ନିରାଶଜନକ ପ୍ରଦର୍ଶନ କରିଥିଲା କିନ୍ତୁ ଦ୍ୱିତୀୟ ହାଫରେ ଦମଦାର ପ୍ରଦର୍ଶନ କରି ଦଳ ପ୍ଲେ ଅଫରେ ପହଞ୍ଚିଥିଲା କିନ୍ତୁ ଏଲିମିନେଟର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠୁ ହାରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ